## ସଂକ୍ଷେପରେ

### ଦ୍ରୁତ ଗତି, ବିକଟାଳ ଶବ୍ଦ ଯାନ ପ୍ରତି ଅଙ୍କୁଶ ଦାବି

ପଦ୍ମପୁର,୨୪।୫ (ପ୍ରଦୀପ୍ତ ଦାଶ)

ପଦ୍ମପୁର ସହରରେ ଦ୍ରୁତ ଗତି ଓ ବିକଟାଳ ଗର୍ଜନ କରି ବାଇକଗୁଡ଼ିକ ଘୁରି ବୁଲୁଛି। ସହର ଭିତରେ କ୍ଷିପ୍ର ଗତିରେ ଯିବା ଦ୍ୱାରା ଲୋକମାନେ ଦୁର୍ଘଟଣାର ଶୀକାର ହେଉଛନ୍ତି। ହଠାତ ବାଇକର ଗର୍ଜନ ଶୁଣି ହୃଦରୋଗୀମାନେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଦ୍ରୁତଗତି, ବିକଟାଳ ଗର୍ଜନ ଦ୍ୱାରା ଛାତ୍ରୀଛାତ୍ର, ବୃଦ୍ଧବୃଦ୍ଧା, ମହିଳାମାନେ ଚିନ୍ତିତ ରହୁଛନ୍ତି। କେତେକ ଯୁବକ ନିଶାଗ୍ରସ୍ତ ହୋଇ ବେପରୁଆ ଭାବରେ ଗାଡି ଚଲାଉ ଥିବାରୁ ପୋଲିସ ପ୍ରଶାସନ ହସ୍ତକ୍ଷେପ କରିବାକୁ ଦାବି ହେଉଛି।

### ଭାରିଯାନ ଯୋଗୁ ଶୋଚନୀୟ ହେଉଛି ବସ୍ତିରାସ୍ତା



ପଦ୍ମପୁର,୨୪।୫(ପ୍ରଦୀପ୍ତ ଦାଶ)

ପଦ୍ମପୁର ଏନ୍ଏସିରେ ନୂତନ ଭାବେ ବିଭିନ୍ନ ରାସ୍ତାଗୁଡ଼ିକ ନିର୍ମାଣ ହୋଇଛି। ଏହି ରାସ୍ତାରେ ଚାରିଚକିଆ ଯାନ ଓ ବାଇକ ଚଳାଇବା ପାଇଁ ପ୍ରାବଧାନ ଥିବା ବେଳେ ସ୍ଥାନୀୟ ବ୍ୟବସାୟୀ ବାଲି, ଚିପ୍ସ, ସିମେଣ୍ଟ ଓଭର ଲୋଡ ଗାଡିରେ ସାମଗ୍ରୀ ନେବାଆଣିବା କରୁଛନ୍ତି। ରାସ୍ତା ନିର୍ମାଣ ଅନୁଯାୟୀ ଏନଏସି ଦ୍ୱାରା ନିର୍ମାଣ ହେଉଥିବା କଂକ୍ରିଟ ରାସ୍ତା ଓ ପେବର ବ୍ଲକ ରାସ୍ତାରେ ମନଇଚ୍ଛା ହାଇଓ୍ୱା, ୧୨ ଚକିଆ ଯାନ ଗଡାଉଥିବାରୁ ରାସ୍ତାଗୁଡିକ ଦବିଯିବା ସହିତ ଅନେକ ସ୍ଥାନରେ ପାଣି ସଂଯୋଗ ପାଇପ ମଧ ବାରମ୍ବାର ଫାଟି ଯାଉଛି। ଯାହାକି ରାସ୍ତାଗୁଡିକ ଦବିଯାଇ ଖାଲଖମାରେ ପରିଣତ ହେଉଛି। ଏନ୍ଏସି ନିର୍ବାହୀ ଅଧିକାରୀ ଦୃଷ୍ଟି ଦେଇ ଏହି ଗଳିରାସ୍ତାରେ ଭାରିଯାନ ଚଳାଚଳକୁ ଅଙ୍କୁଶ ଲଗାଇବା ପାଇଁ ଦାବି ହେଉଛି।

### ସାପ କାମୁଡ଼ାରେ ନାବାଳିକାଙ୍କ ମୃତ୍ୟୁ

ଖଡ଼ିଆଳ,୨୪।୫ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ସିନାପାଲି ଥାନା ଅନ୍ତର୍ଗତ କୁସୁମଯୋର ପଞ୍ଚାୟତର ହଳଦୀଖୋଲ ଗ୍ରାମରେ ସାପ କାମୁଡ଼ାରେ ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଟିକଚନ ମାଝିଙ୍କ ଝିଅ ବିଷ୍ଣୁପ୍ରିୟା ମାଝି (୧୫)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ବିଷ୍ଣୁପ୍ରିୟା ଘରେ ଭୂମିରେ ଶୋଇଥିବା ବେଳେ କୌଣସି ସାପ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଖଡ଼ିଆଳସ୍ଥିତ ମିଶନ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସିନାପାଲି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଆକସ୍ମିକ କ୍ରୋଧ ହତ୍ୟାର କାରଣ

**ସରସରା ଅଟୋଚାଳକ ହତ୍ୟାକାଣ୍ଡର ପର୍ଦ୍ଦାଫାଶ**

- ଖବରଦାତା ସମ୍ମିଳନୀରେ ଏସ୍‌ପିଙ୍କ ସୂଚନା
- ଜଣେ ଅଭିଯୁକ୍ତ ଗିରଫ, ଆଉଜଣେ ଫେରାର

ବରଗଡ଼,୨୪।୫(ପ୍ରେମାନନ୍ଦ ଖମାରୀ)



ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଉଛି ।

ବରଗଡ଼ ଜିଲାରେ ଗତ ୨୦ ତାରିଖରେ ମତଦାନ ପ୍ରକ୍ରିୟା ଚାଲିଥିବାବେଳେ ସଦର ଥାନା ଅନ୍ତର୍ଗତ ସରସରା ଗ୍ରାମରେ ଅଟୋଚାଳକ ବିଶ୍ୱନାଥ ମିର୍ଦ୍ଧାଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ହଠାତ୍ କ୍ରୋଧରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ କହିଛି। ଏହି ଘଟଣାରେ ଶୁକ୍ରବାର ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ସରସରା ଗ୍ରାମର ମନୋଜ ଓରଫ ଦୁର୍ବାଦଳ ନାଗ (୩୦)। ଅନ୍ୟଜଣେ ଅଭିଯୁକ୍ତ ଅଶୋକ ମହାନନ୍ଦଙ୍କୁ ଏପର୍ଯ୍ୟନ୍ତ ପୋଲିସ ଧରିପାରି ନାହିଁ। ତାଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି। ମୃତ ଅଟୋଚାଳକଙ୍କ ସମ୍ପର୍କୀୟ ଦିବାକରଙ୍କ ଏତଲାକ୍ରମେ ସଦର ଥାନାରେ ଦଫା ୩୦୨, ୩୪ ଆଇପିସିରେ ଏକ ମାମଲା (ନଂ.୨୫୨/୨୪) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବରଗଡ଼ ସବଜେଲ ହାଜତକୁ ପଠାଇ ଦିଆଯାଇଛି।

ଶୁକ୍ରବାର ସନ୍ଧ୍ୟାରେ ଜିଲା ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପି.ଏସ ମୀନା ସୂଚନା ଦେଇ କହିଥିଲେ, ଘଟଣା ଦିନ ଅଟୋ ଚାଳକ ବିଶ୍ୱନାଥ ସରସରା ଗ୍ରାମର ଶନି ମନ୍ଦିର ନିକଟରେ ଛିଡ଼ା ହୋଇଥିଲେ। ସେହି ସମୟରେ ରାସ୍ତାରେ ଅଟୋ ଏବଂ ବାଇକ୍ ଅତିକ୍ରମକୁ ନେଇ ଅନ୍ୟଜଣେ ଅଟୋ ଚାଳକ ଏବଂ ବାଇକ୍ ଆରୋହୀଙ୍କ ମଧ୍ୟରେ ବଚସା ହେଉଥିଲା। ସେତେବେଳେ ବିଶ୍ୱନାଥ ବାଇକ୍ ଆରୋହୀଙ୍କ ସହିତ ବଚସା ହେଉଥିବା ଅଟୋ ଚାଳକଙ୍କ ସପକ୍ଷରେ କହୁଥିଲେ। ଏତିକିବେଳେ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଅଶୋକ ସେଠାରେ ପହଞ୍ଚିଥିଲେ ଏବଂ ମୃତ ବିଶ୍ୱନାଥଙ୍କ ଉପରେ କ୍ରୋଧାନ୍ୱିତ ହୋଇଥିଲେ। ସେଠାରେ ଉପସ୍ଥିତ ଥିବା ଅଭିଯୁକ୍ତ ମନୋଜ ବିଶ୍ୱନାଥଙ୍କୁ ଜାବୁଡ଼ି ଧରିଥିବାବେଳେ ମୁଖ୍ୟ ଅଭିଯୁକ୍ତ ଅଶୋକ ତାଙ୍କ ଶରୀରର ୬ଟି ସ୍ଥାନରେ ଛୁରାମାଡ଼ କରିଥିଲେ।

ଅଟୋ ଚାଳକଙ୍କୁ ସ୍ଥାନୀୟ ଲୋକେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ବରଗଡ଼ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହତ୍ୟାକାଣ୍ଡ ଭିଆଇ ୨ଅଭିଯୁକ୍ତ ଫେରାର ହୋଇଯାଇ ଥିଲେ। ସେମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା ଏବଂ ଏହି ଟିମ୍ ଅଭିଯୁକ୍ତ ମନୋଜଙ୍କୁ ଧରିଥିବାବେଳେ ଅନ୍ୟ ଅଭିଯୁକ୍ତ ମଧ୍ୟ ଶୀଘ୍ର ଧରାପଡ଼ିଯିବ ବୋଲି ଏସ୍‌ପି କହିଛନ୍ତି। ସେହିପରି ନିର୍ବାଚନ ସହିତ ହତ୍ୟା ଘଟଣାର କୌଣସି ସମ୍ପର୍କ ନାହିଁ । ହଠାତ୍ କ୍ରୋଧରୁ ହତ୍ୟାକାଣ୍ଡ ଘଟିଛି ଏବଂ ସେହି ସମୟରେ ଅଭିଯୁକ୍ତମାନେ ମଦନିଶାରେ ରହିଥିବା ତଦନ୍ତରୁ ଜଣାପଡ଼ିଥିବା ଏସ୍‌ପି କହିଛନ୍ତି। ଏହି ଘଟଣାରେ ଏ ପର୍ଯ୍ୟନ୍ତ ୫୦ରୁ ଅଧିକ ଜଣଙ୍କୁ ପଚରାଉଚୁରା କରାଯାଇଛି ଏବଂ ହତ୍ୟାକାଣ୍ଡରେ ଯେଉଁମାନଙ୍କ ସମ୍ପୃକ୍ତି ରହିଥିବ, ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି ମୀନା କହିଛନ୍ତି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି ମଧ୍ୟ ଉପସ୍ଥିତ ଥିଲେ।

# ବୈଶାଖମେଳା ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପିତ



ଉଦ୍‌ଯାପନୀ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ପାଇକମାଳ,୨୪।୫(ବଡ ଶତପଥୀ)

**ଲୋକ ନୃତ୍ୟ ଓ ଗୀତରେ ଦୁଲୁକିଲା ସାଂସ୍କୃତିକ ମଣ୍ଡପ**

ବରଗଡ଼ ଜିଲା ପାଇକମାଳ ଶ୍ରୀଶ୍ରୀ ନୃସିଂହନାଥ ପ୍ରସିଦ୍ଧ ବୈଶାଖ ମେଳା ମହୋତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ମନ୍ଦିର ଟ୍ରଷ୍ଟି ତଥା ପାଇକମାଳ ବିଡିଓ ପ୍ରଫୁଲ୍ଲ କୁମାର ଓଡୁ, ସମ୍ମାନିତ ଅତିଥି ଭାବେ ବୈଶାଖ ମେଳାରେ ପ୍ରସାର ପ୍ରଚାରରେ ସହଯୋଗ କରିଥିବା ବଡ ସତପଥୀ, ବିଜୟ କୁମାର ସାହୁ, ରମେଶ ବାରିକ, ଧିରେନ ମହାନ୍ତି, ସୁରଥ ସାହୁ, ସୋମେଶ ମହାନ୍ତି, ଗୋପବନ୍ଧୁ ଶିକା, ମାନସ ନାୟକ, ଗୌରାଙ୍ଗ ଦାସ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ସାମାଜିକ କର୍ମୀ ନିରୋଜ ଦୋରା, ନନ୍ଦଲାଲ ତ୍ରିବେଦୀ, ବିରେନ୍ଦ୍ର ପଧାନ, ମନ୍ଦିର ସେବାୟତ ସୁବୋଧ ପଣ୍ଡା, ନରସିଂହ ହୋତା, ଶଙ୍ଖ ବାଗ, ଶ୍ରୀରାମ ପୁରୋହିତ, ବିଷ୍ଣୁଚରଣ ପଶାୟତ, ମନ୍ଦିର ସ୍ୱେଚ୍ଛାସେବୀ ଗିରିଶ ନାୟକ, ମାତୃପ୍ରସାଦ ରଥ, ସୁଶାନ୍ତ ମିଶ୍ର, ସଞ୍ଜୀବ ମାଝି, ଚିତ୍ତରଞ୍ଜନ ସରାଫ, ଦେବେନ୍ଦ୍ର ସାହୁ, ଦୁର୍ଯ୍ୟୋଧନ ତ୍ରିପାଠୀ, ପ୍ରଶାନ୍ତ ମିଶ୍ର, ଜୟଦେବ ମଟାରୀ, ସତ୍ୟବ୍ରତ ମାଝି, ଡିଗ୍ରୀଧର ସାହୁ ପ୍ରମୁଖଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ ସଂଯୋଜକ ସୁଶାନ୍ତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଧନ୍ୟବାଦ ଦେଇଥିଲେ। ପରେ କଳାକାରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିନ୍ଧ୍ୟାବାସିନୀ ମଣ୍ଡପରେ ଛୁମୁକୁଛୁମା କଳା ପରିଷଦ ଭେଡେନ ପଞ୍ଚରଶି ନୃତ୍ୟ, ଭାରତୀ କଳା ପରିଷଦ ବରପାଲିର ଘୁଡୁକା ନୃତ୍ୟ, ସୁର ସଙ୍ଗମ ବାରିକେଲର ସମ୍ବଲପୁରୀ ଲୋକ ନୃତ୍ୟ, ଟି. ଗଣ୍ଡପାଲି କଳାକାରଙ୍କ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କ ମନମୋହିଥିଲା। ସେହିପରି ହନୁମାନ ବାଟିକା ନିକଟସ୍ଥ ମାର୍ଜାର କେଶରୀ ମଣ୍ଡପରେ ବାରପାହାଡ ସାଂସ୍କୃତିକ କଳା ପରିଷଦ ଅମ୍ବାଭନାର କଳାକାରମାନଙ୍କ ଦ୍ୱାରା ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ତଥା ନୃତ୍ୟଗୀତ ପରିବେଷିତ ହୋଇଥିଲା। ଏହା ବ୍ୟତୀତ ମନ୍ଦିର ପରିସର ତଥା ବିଭିନ୍ନ ସ୍ଥାନରେ ବିଭିନ୍ନ ଅଞ୍ଚଳରୁ କଳାକାରମାନେ ଆସି ସେମାନଙ୍କ କଳା ପରିବେଷଣ କରୁଥିବା ଦେଖିବାକୁ ମିଳିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଚିତ୍ତରଞ୍ଜନ ସରାଫ, ଦେବେନ୍ଦ୍ର ସାହୁ, ଦୁର୍ଯ୍ୟୋଧନ ତ୍ରିପାଠୀ, ଟାଇଲ ଚନ୍ଦ୍ର ଭୋଇଙ୍କ ସମେତ ସାଂସ୍କୃତିକ କମିଟି ସଦସ୍ୟମାନେ ପରିଚାଳନା କରିଥିଲେ। ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନେ ବୈଶାଖ ମେଳାର ବିଭିନ୍ନ କାମରେ ସହଯୋଗ କରିଥିବାରୁ ତାଙ୍କୁ ମନ୍ଦିର ପକ୍ଷରୁ ବିଡିଓ ଏବଂ ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ସମ୍ବର୍ଦ୍ଧିତ କରିଥିଲେ।

### ଅଂଶୁଘାତରେ ହୋମଗାର୍ଡଙ୍କ ମୃତ୍ୟୁ ଅଭିଯୋଗ

ନୂଆପଡ଼ା,୨୪।୫ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ ଖରିଆର ରୋଡ ଜୋଙ୍କ ଥାନା ବଲୋଦା ଗାଁର ହୋମଗାର୍ଡ ଶତ୍ରୁଘ୍ନ ରାଉତ (୪୭)ଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଶତ୍ରୁଘ୍ନ ଗତ ୧୫ବର୍ଷ ହେବ ନୂଆପଡା ଜିଲାରେ ହୋମଗାର୍ଡ ଭାବେ କାର୍ଯ୍ୟରତ ଥିଲେ। ନୂଆପଡ଼ା ଜିଲାରେ ନିର୍ବାଚନ ଡ୍ୟୁଟି କରି ସେ ପଡୋଶୀ ବରଗଡ ଜିଲାକୁ ନିର୍ବାଚନ ଡ୍ୟୁଟିରେ ଯାଇଥିଲେ। ୨୦ ତାରିଖ ନିର୍ବାଚନ କାମ ସାରି ସେ ୨୧ରେ ଘରକୁ ଫେରିବା ବେଳେ ସେ ଅସୁସ୍ଥତା ଅନୁଭବ କରିଥିବା ପରିବାର ଲୋକେ କହିଛନ୍ତି। ଗୁରୁବାର ରାତିରେ ଖାଇସାରି ବସିଥିବା ବେଳେ ହଠାତ୍ ପଡିଯାଇ ଥିଲେ ଓ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରବଳ ତାତିରେ ଡ୍ୟୁଟି କରିଥିବାରୁ ଅଂଶୁଘାତରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଶୁକ୍ରବାର ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ମଧ୍ୟାହ୍ନରେ ନୂଆପଡ଼ା ଆରକ୍ଷୀ ଅଧୀକ୍ଷକ ଜିଆର୍ ରାଘବେନ୍ଦ୍ର ତାଙ୍କ ଗ୍ରାମକୁ ଯାଇ ମରଶରୀରକୁ ଶେଷ ସମ୍ମାନ ଜଣାଇବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ପରିବାର ଲୋକେ ଏହାକୁ ଅଂଶୁଘାତ ଜନିତ ମୃତ୍ୟୁ ବୋଲି ଘୋଷଣା କରି ସହାୟତା ରାଶି ଯୋଗାଇଦେବା ପାଇଁ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଜିଲା ହୋମଗାର୍ଡ ସଂଘ ସଭାପତି ଶରତ ହଂସ ଏସ୍‌ପିଙ୍କ ସହାନୁଭୂତି ପାଇଁ ସଂଘ ତରଫରୁ ଧନ୍ୟବାଦ ଜଣାଇ ଏହାକୁ ନିର୍ବାଚନ ଜନିତ ମୃତ୍ୟୁ ବୋଲି ଘୋଷଣା କରି ପରିବାରଙ୍କୁ ସହାୟତା ରାଶି ଯୋଗାଇଦେବା ପାଇଁ ଦାବି କରିଛନ୍ତି।

### ବ୍ଲକସ୍ତରୀୟ ସନାତନୀ ବ୍ରାହ୍ମଣ ସମାଜ ବୈଠକ



ବରପାଲି,୨୪।୫(ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲା ବରପାଲିସ୍ଥିତ ଜଗନ୍ନାଥ ମନ୍ଦିରଠାରେ ବ୍ଲକସ୍ତରୀୟ ସନାତନୀ ବ୍ରାହ୍ମଣ ସମାଜ ବରପାଲି ସଭାପତି କୃଷ୍ଣଚନ୍ଦ୍ର ଦେବତାଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଦାନନ୍ଦ ଦାଶଙ୍କ ସହିତ ସାମୂହିକ ଭାବେ ଗାୟତ୍ରୀ ମନ୍ତ୍ର ପାଠ କରାଯାଇଥିଲା। ସ୍ୱର୍ଗତ ସଞ୍ଜାରାଣୀ ମିଶ୍ରଙ୍କ ଅମର ଆତ୍ମାର ସତଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ଶରତ ଚନ୍ଦ୍ର ପାଣିଗ୍ରାହୀ ସଭାର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ। ଆନନ୍ଦ କୁମାର ଦାଶ ପର୍ଶୁରାମ ଜୟନ୍ତୀର ଆୟବ୍ୟୟ ପାଠ କରିଥିଲେ। ସର୍ବସମ୍ମତିକ୍ରମେ ଆବାହକ ଅରୁଣ କୁମାର ପଣ୍ଡା ପର୍ଶୁରାମ ଜୟନ୍ତୀ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସମସ୍ତ ୭ଟି ଶାଖାର ପୁନରଗଠନ ପାଇଁ ସର୍ବସମ୍ମତିକ୍ରମେ ଗ୍ରହଣ କରାଗଲା। ବୈଠକର ସର୍ବଶ୍ରୀ ପିନାକୀ ଦାଶ, ସରୋଜ କୁମାର ଦାଶ, ଗିରିଧାରୀ ପାଣିଗ୍ରାହୀ, ଯୋଗେଶ କୁମାର ଦାଶ, ବାଳକୃଷ୍ଣ ପୂଝାରୀ, ଅଶୋକ କୁମାର ଦାଶ, ରମାକାନ୍ତ ତ୍ରିପାଠୀ, ପ୍ରଦୀପ ଦାଶ, ବୀର ଦାଶ, ସଞ୍ଜୟ କୁମାର ମିଶ୍ର, ଜୋସ୍ନାମୟୀ ମିଶ୍ର, ବୈଜୟନ୍ତୀ ପୂଝାରୀ, ତଥା ଅନେକ ସଭ୍ୟ, ସଭ୍ୟା ପ୍ରମୁଖ ଯୋଗଦାନ କରିଥିଲେ। ଶେଷରେ ଧର୍ମରାଜ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଭିଏସ୍ଏସ୍ ଡିଫେନ୍ସ ଟ୍ରେନିଂ ଏକାଡେମୀର ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧନା



ପାଇକମାଳ,୨୪।୫(ବଡ ଶତପଥୀ)

ବରଗଡ଼ ଜିଲା ପାଇକମାଳ ଶ୍ରୀଶ୍ରୀ ନୃସିଂହନାଥ ଜନ୍ମୋତ୍ସବ ବୈଶାଖ ମେଳାରେ ପୂର୍ଣ୍ଣସହଯୋଗ କରିଥିବା ଭିଏସଏସ ଡିଫେନ୍ସ ଟ୍ରେନିଂ ଏକାଡେମିର ସ୍ୱେଚ୍ଛାସେବୀଙ୍କୁ ମନ୍ଦିର ପକ୍ଷରୁ ଶୁକ୍ରବାର ସମ୍ବର୍ଦ୍ଧନା ଦିଆଯାଇଛି। ବୈଶାଖ ମେଳା ୫ ଦିନ ଧରି ଅନୁଷ୍ଠିତ ଶାନ୍ତିଶୃଙ୍ଖଳା ପାଇଁ ଏମାନେ ମେଳା ପରିସର ସେବା ଯୋଗାଇଥିଲେ। ବିର ସୁରେନ୍ଦ୍ର ସାଏ ଭିଏସଏସ ଟ୍ରେନିଂ ଏକାଡେମି ପକ୍ଷରୁ ମୁଖ୍ୟ ପରିଚାଳକ ବିଜୟ ନାୟକଙ୍କ ନେତୃତ୍ୱରେ ୫୭ଜଣ ସେବା କର୍ମୀ ମନ୍ଦିରରେ ସହଯୋଗ କରିଥିବାରୁ ମନ୍ଦିର ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା କରାଯାଇଥିଲା। ସମ୍ବର୍ଦ୍ଧନା ସଭା ମନ୍ଦିର କାର୍ଯ୍ୟନିର୍ବାହ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ପଦ୍ମପୁର ଉପଖଣ୍ଡ ସାମ୍ବାଦିକ ସଂଘ ସଭାପତି ବଡ ଶତପଥୀ, ସାମ୍ବାଦିକ ସରଥ ସାହୁ, ଭିଏସଏସ ଡିଫେନ୍ସ ଟ୍ରେନିଂର ମୁଖ୍ୟ ବିଜୟ ନାୟକ, ମନ୍ଦିର ସେବାୟତ ଜେକି ସରାଫ, ଡିଗ୍ରୀଧର ସାହୁଙ୍କ ଉପସ୍ଥିତରେ ୫୦ଜଣ ସେବା କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ୨ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ

ଜୁନାଗଡ଼,୨୪।୫(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ସହରରେ ଶୁକ୍ରବାର ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ସୂଚନାକ୍ରମେ, ଜୁନାଗଡ଼ ସହର ଲକ୍ଷ୍ମୀସାଗର ପଡ଼ାର ଅବସରପ୍ରାପ୍ତ ଶିକ୍ଷକ ସୌମିତ୍ରୀ ମୁଣ୍ଡ ସ୍ଥାନୀୟ ପେଟ୍ରୋଲ ପମ୍ପରୁ ବାଇକ୍‌ରେ ଫେରୁଥିଲେ। ଏହି ସମୟରେ ବିପରୀତ ପଟୁ ଅନ୍ୟ ଏକ ବାଇକ୍‌ରେ ବାରବେସାଲ ଗ୍ରାମର ବାଦଲ ନାଏକ ଓ ତାଙ୍କ ସାଙ୍ଗ ଆସୁଥିବା ବେଳେ ଶ୍ରୀମନ୍ଦିର କପଡା ଦୋକାନ ସମ୍ମାରେ ଦୁଇବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସୌମିତ୍ରୀ ଓ ବାଦଲ ବାଇକ୍‌ରୁ ପଡି ଗୁରୁତର ହୋଇଥିଲେ। ଉଭୟଙ୍କୁ ଜୁନାଗଡ଼ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ସୌମିତ୍ରୀଙ୍କ ମୃତ୍ୟୁ ହୋଇଥିଲା। ବାଦଲଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ପ୍ରଥମେ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନା ଓ ପରେ ରାୟପୁରକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ମିଲର୍ସ, ସମବାୟ ସମିତିର ସଲାସୁତରାରେ ଚାଲୁଛି ମଣ୍ଡି

## ଚାଷୀ ଅସନ୍ତୋଷ

ବରପାଲି,୨୪।୫(ଚିତ୍ତରଞ୍ଜନ ସାହୁ)



ବରଗଡ଼ ଜିଲାରେ ବର୍ତ୍ତମାନ ଧାନ ମଣ୍ଡି ଖୋଲିବା ପରେ ମିଲର୍ସ ଓ ଅସାଧୁ କର୍ମଚାରୀ ସକ୍ରିୟ ହୋଇ ତାଙ୍କ ବେପାର ଚଳାଉଛନ୍ତି। ଏପରି ଏକ ଅସାଧୁ ଉପାୟରେ ଧାନ ବିକ୍ରି ଘଟଣା ଚାଷୀଙ୍କ ଦ୍ୱାରା ଧରା ପଡ଼ିବା ପରେ କର୍ମଚାରୀ ଶେଷରେ ନିଜ ଦୋଷ ସ୍ୱୀକାର କରିବା ସହ ଭବିଷ୍ୟତରେ ଏପରି ଭୁଲ ନ କରିବା ପାଇଁ କ୍ଷମା ପ୍ରାର୍ଥନା କରିଥିଲେ। ଏପରି ଏକ ଘଟଣା ବରପାଲି ବ୍ଲକ ତୁଲଣ୍ଡି ଧାନ ମଣ୍ଡିରେ ଘଟିଛି। ଗୋଟେ ଟ୍ରାକ୍ଟରରେ ୧୪୦ ପ୍ୟାକେଟ ଧାନ ଲୋଡ ହୋଇଯାଉଥିବା ବେଳେ ଚାଷୀମାନେ ସନ୍ଦେହରେ ଗାଡି ଅଟକାଇ କାଗଜ ପତ୍ର ଦେଖିବାରେ ତାହା ସେହି ତୁଲଣ୍ଡି ମାର୍କେଟ ୟାର୍ଡରୁ ବିଷ୍ଣୁ ରାଇସ ମିଲକୁ ଯିବାର କାଗଜ ଥିଲା। ଆଶ୍ଚର୍ଯ୍ୟ ବିଷୟ ଯେ, ଯେଉଁ ଚାଷୀଙ୍କ ନାମରେ ଧାନ ବିକ୍ରି ହେଉଥିବା ଦର୍ଶାଯାଇଛି ତାଙ୍କ ଧାନ ମାର୍କେଟକୁ ଅସିନି। ଧାନ ବେପାରୀ ବା ଦଲାଲ ମାଧ୍ୟମରେ ସମବାୟ ସମିତି କର୍ମଚାରୀ ଓ ଆର୍ଏମସି କର୍ମଚାରୀମାନଙ୍କ ମିଳିତ ଉଦ୍ୟମରେ ଏପରି ଧାନ ବିକ୍ରି କରାଯାଉଥିବା ବିଷୟ ଚାଷୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଚାଷୀଙ୍କ ଧାନ ମାର୍କେଟ ୟାର୍ଡରେ ଗଦା ହୋଇଥିବାରୁ ଚାଷୀ ପ୍ରଚଣ୍ଡ ଖରାରେ ଧାନ ଜଗି ବସିଥିବା ବେଳେ ଅସାଧୁ କର୍ମଚାରୀମାନେ ମିଲର୍ସଙ୍କ ଦଲାଲ ସାଜି ବାହାର ଧାନ ବିକ୍ରି କରୁଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ ବହୁ ଚାଷୀ ସେଠାରେ ରୁଣ୍ଡ ହେବାରୁ ଆର୍ଏମସି କର୍ମଚାରୀ, ନାରାୟଣ ସେବା ସମିତି କର୍ମଚାରୀ ନିଜ ଦୋଷ ସ୍ୱୀକାର କରି ଭବିଷ୍ୟତରେ ଆଉ ସେପରି ଭୁଲ ହେବ ନାହିଁ ବୋଲି କହିଥିଲେ। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଚାଷୀ ମହଲରେ ଦାବି ହେଉଛି।

# କ୍ୟାନ୍‌ସର ହସ୍ପିଟାଲରେ ସେବା ଅପହଞ୍ଚ

ବରଗଡ଼,୨୪।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ କ୍ୟାନ୍‌ସର ହସ୍‌ପିଟାଲରେ ରୋଗୀଙ୍କୁ ଠିକ୍ ଭାବେ ସେବା ମିଳି ପାରୁ ନାହିଁ। ଫଳରେ ଯେଉଁ ଉଦ୍ଦେଶ୍ୟ ନେଇ ଏଠାରେ କ୍ୟାନସର ହସପିଟାଲ ନିର୍ମାଣ ହୋଇଥିଲା, ତାହା ଏପର୍ଯ୍ୟନ୍ତ ସାଧିତ ହୋଇପାରି ନାହିଁ। ଏଭଳି ଅଭିଯୋଗ ନେଇ କ୍ୟାନସର ପୀଡ଼ିତଙ୍କ ପାଇଁ କାର୍ଯ୍ୟ କରୁଥିବା ସ୍ଥାନୀୟ ଫାଇଟର୍ସ ଗ୍ରୁପର ଏକ ପ୍ରତିନିଧି ଦଳ ଶୁକ୍ରବାର ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଭେଟି ବିଭିନ୍ନ ସମସ୍ୟା ଦୃଷ୍ଟି ଆକର୍ଷଣ ସହିତ ସେଗୁଡ଼ିକର ସମାଧାନ ଦିଗରେ ତ୍ୱରିତ୍ ପଦକ୍ଷେପ ନେବା ପାଇଁ ଦାବି ଉପସ୍ଥାପନ କରିଛନ୍ତି।

ସୂଚନା ଅନୁଯାୟୀ, ଫାଇଟର୍ସ ଗ୍ରୁପ ଏବଂ ଜିଲାର ବିଭିନ୍ନ ସଙ୍ଗଠନକୁ ନେଇ ଗଠିତ ୟୁନାଇଟେଡ୍ ଫୋରମ ଫର୍ କ୍ୟାନସର ହସପିଟାଲରେ ଦାବିକ୍ରମେ ବରଗଡ଼ କ୍ୟାନସର ହସପିଟାଲ ନିର୍ମିତ ହୋଇଛି। ଗତବର୍ଷ ଫେବୃୟାରୀ ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉକ୍ତ କ୍ୟାନସର ହସପିଟାଲକୁ ଲୋକାର୍ପିତ କରିଥିଲେ। ତେବେ ଲୋକାର୍ପଣର ବର୍ଷାଧିକକାଳ ଅତିକ୍ରାନ୍ତ ପରେ ମଧ୍ୟ କ୍ୟାନସର ପୀଡ଼ିତଙ୍କୁ ଠିକ୍‌ଭାବେ ସେବା ମିଳୁ ନାହିଁ। ଫଳରେ ଏଠାକୁ ଆସୁଥିବା କ୍ୟାନସର ପୀଡ଼ିତମାନେ ନିରାଶ ହେବା ସହିତ ସେମାନଙ୍କୁ ବହୁ ହଇରାଣ ହେବାକୁ ପଡୁଛି ବୋଲି ଅଭିଯୋଗ ହୋଇଛି। ଏପର୍ଯ୍ୟନ୍ତ କ୍ୟାନସର ହସପିଟାଲରେ ହେଲ୍ପଡେସ୍କ ବ୍ୟବସ୍ଥା ହୋଇ ନ ଥିବାବେଳେ ରକ୍ତ, ମଳ, ପରିସ୍ରା ନମୁନା ସଂଗ୍ରହ ପାଇଁ ସ୍ୱତନ୍ତ୍ର କାଉଣ୍ଟର ନାହିଁ। ଫଳରେ ଏଠାକୁ ଆସୁଥିବା ପୀଡ଼ିତଙ୍କୁ ଦୀର୍ଘ ସମୟ ଧରି ଧାଡ଼ିରେ ରହିବାକୁ ପଡୁଛି। ସେହିପରି ପାଥୋଲ୍ୟାବ୍‌ରେ ସବୁପ୍ରକାର ପରୀକ୍ଷା ହୋଇପାରୁ ନାହିଁ। ୟୁଏସଜି, ସିଟି ସ୍କାନ ମେଶିନ ମଧ୍ୟ ନ ଥିବା ଯୋଗୁ ପୀଡ଼ିତଙ୍କୁ ସେଥିପାଇଁ ହଟହଟା ହେବାକୁ ପଡୁଛି। ଅନ୍ୟପଟେ ଘରୋଇ ହସପିଟାଲକୁ ଯାଇ ପୀଡ଼ିତକୁ ଖର୍ଚ୍ଚାନ୍ତ ହେବାକୁ ପଡୁଥିବା ଅଭିଯୋଗ ହୋଇଛି। ଏଫଏନଏସି ଟେଷ୍ଟର ବ୍ୟବସ୍ଥା ଏ ପର୍ଯ୍ୟନ୍ତ ହୋଇପାରି ନ ଥିବାବେଳେ ସ୍ୱତନ୍ତ୍ର ଅପରେଶନ ଥିଏଟର ନ ଥିବା ଯୋଗୁ ପୀଡ଼ିତଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହା ସହିତ କ୍ୟାନସର ହସପିଟାଲରେ ଆହୁରି ଆନୁସଙ୍ଗିକ ବ୍ୟବସ୍ଥା ହୋଇପାରି ନ ଥିବା ଅଭିଯୋଗ ହୋଇଛି। ଫଳରେ କ୍ୟାନସର ହସପିଟାଲରେ ରହିଥିବା ଉପରୋକ୍ତ ସମସ୍ୟାଗୁଡ଼ିକର ତୁରନ୍ତ ପ୍ରତିକାର କରାଯିବା ପାଇଁ ଦାବି ହୋଇଛି। ଫାଇଟର୍ସ ଗ୍ରୁପ ଟ୍ରଷ୍ଟର ଚେୟାରମ୍ୟାନ ଅଶ୍ୱିନୀ ଦର୍ଜୀ, ଫାଇଟର୍ସ ଗ୍ରୁପର ସଭାପତି ପ୍ରସନ୍ନ ମିଶ୍ରଙ୍କ ସମେତ ପ୍ରତାପ ଦାଶ, ପୁରୁଷୋତ୍ତମ ବିଶି, ଅର୍ଜୁନ ସେଟ, ପୁଷ୍ପା ବେହେରା, ସତ୍ୟଜିତ ଦାଶ, ଅନୁପ କୁମାର ଦର୍ଜୀ ପ୍ରମୁଖ ଜିଲାପାଳଙ୍କୁ ଭେଟି ସାକ୍ଷାତ ଆଲୋଚନା କରିଥିଲେ।



ଫାଇଟର୍ସ ଗ୍ରୁପର ପ୍ରତିନିଧିବୃନ୍ଦ ଜିଲାପାଳଙ୍କ ସହିତ ଆଲୋଚନା କରୁଛନ୍ତି ।

## ସଂକ୍ଷେପରେ

### ୨ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ

ଜୁନାଗଡ଼,୨୪।୫(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ସହରରେ ଶୁକ୍ରବାର ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ସୂଚନାକ୍ରମେ, ଜୁନାଗଡ଼ ସହର ଲକ୍ଷ୍ମୀସାଗର ପଡ଼ାର ଅବସରପ୍ରାପ୍ତ ଶିକ୍ଷକ ସୌମିତ୍ରୀ ମୁଣ୍ଡ ସ୍ଥାନୀୟ ପେଟ୍ରୋଲ ପମ୍ପରୁ ବାଇକ୍‌ରେ ଫେରୁଥିଲେ। ଏହି ସମୟରେ ବିପରୀତ ପଟୁ ଅନ୍ୟ ଏକ ବାଇକ୍‌ରେ ବାରବେସାଲ ଗ୍ରାମର ବାଦଲ ନାଏକ ଓ ତାଙ୍କ ସାଙ୍ଗ ଆସୁଥିବା ବେଳେ ଶ୍ରୀମନ୍ଦିର କପଡା ଦୋକାନ ସମ୍ମାରେ ଦୁଇବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସୌମିତ୍ରୀ ଓ ବାଦଲ ବାଇକ୍‌ରୁ ପଡି ଗୁରୁତର ହୋଇଥିଲେ। ଉଭୟଙ୍କୁ ଜୁନାଗଡ଼ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ସୌମିତ୍ରୀଙ୍କ ମୃତ୍ୟୁ ହୋଇଥିଲା। ବାଦଲଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ପ୍ରଥମେ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନା ଓ ପରେ ରାୟପୁରକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ନିୟନ୍ତ୍ରଣ ବାହାରେ ଟ୍ରାଫିକ୍ ବ୍ୟବସ୍ଥା

ଜୁନାଗଡ଼, ୨୪।୫(ସୁନୀଲ କୁମାର ସିଂହ)

ଜୁନାଗଡ଼ ହେଉଛି କଳାହାଣ୍ଡି ଜିଲାର ପୁରୁଣା ରାଜଧାନୀ। ଦିନକୁ ଦିନ ଜନସଂଖ୍ୟା ସାଙ୍ଗକୁ ଯାନବାହନ ଚଳାଚଳ ମଧ୍ୟ ବୃଦ୍ଧି ପାଉଛି। ଫଳରେ ଟ୍ରାଫିକ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏଠାରେ ଅନଭିଜ୍ଞ ହୋମଗାର୍ଡଙ୍କ ହାତରେ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ହେଉଥିବା ଦେଖିବାକୁ ମିଳୁଛି। ଫଳରେ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବୁଲା ଗୋରୁ ଓ ଯାନବାହନ ଚଳାଚଳ ଯୋଗୁ ଅନେକ ସମୟରେ ଗାଡିମୋଟର ଜାମ ରହୁଛି। ଏହି ସମୟରେ ରାସ୍ତା ଅତିକ୍ରମ କରିବା କଷ୍ଟକର ହୋଇପଡୁଛି। ଏ ନେଇ ବାରମ୍ବାର ଅଭିଯୋଗ ପରେ କଲମପୁର ଛକ ଓ ଓରିଅନ ହୋଟେଲ ଛକଠାରେ ଟ୍ରାଫିକ ସିଗ୍‌ନାଲ ଲାଗିଲା। ହେଲେ ସିଗ୍‌ନାଲକୁ କେହି ମାନୁନାହାନ୍ତି। ଅନ୍ୟପକ୍ଷରେ ଜୁନାଗଡ଼କୁ ରେଳ ସଂଯୋଗ ହେବା ପରେ ଜିଲା ତଥା ଜିଲା ବାହାର ନବରଙ୍ଗପୁର, ଜୟପୁର ତଥା ଛତିଶଗଡ଼ର ଲୋକେ ଏହି ସହର ଉପରେ ନିର୍ଭର କରୁଛନ୍ତି। ସହର ମଧ୍ୟଦେଇ ଯାଇଥିବା ୨୬ନଂ. ଜାତୀୟ ରାଜପଥ ଅଣଓସାରିଆ ହେବା, କିଛି ଦୋକାନୀ ରାସ୍ତାକଡ଼କୁ ମାଡି ବସିବା ଯୋଗୁ ଟ୍ରାଫିକ ସମସ୍ୟା ଜଟିଳ ରୂପ ଧାରଣ କରିଛି। ଏହି ସମସ୍ୟା ନେଇ ସହରରେ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଦାବି ହେଉଥିଲେ ମଧ୍ୟ ପଦକ୍ଷେପ ନିଆଯାଇ ନାହିଁ। ତେଣୁ ତୁରନ୍ତ ବାଇପାସ୍ ରାସ୍ତା ନିର୍ମାଣ ସହ ସହରରେ ଟ୍ରାଫିକ ପୋଲିସ ମୁତୟନ କରିବାକୁ ସାଧାରଣରେ ଦାବି ହେଉଛି।

### ମହିଳାଙ୍କ ଆତ୍ମହତ୍ୟା

ଖଡ଼ିଆଳ,୨୪।୫ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ଲଛିପୁର ଗ୍ରାମରେ ପାରିବାରିକ କଳହକୁ ନେଇ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ସେ ହେଲେ ପୁଷ୍ପାଞ୍ଜଳି ସତନାମୀ (୨୭)। ପୋଲିସ ସୂତ୍ରରୁ ପ୍ରକାଶ ଯେ, କୌଣସି କାରଣକୁ ନେଇ ପୁଷ୍ପାଞ୍ଜଳି ଗୁରୁବାର ସକାଳେ ମୂଷାମରା ଔଷଧ ଖାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ସ୍ୱାମୀ ଓ ପରିବାର ଲୋକେ ତାଙ୍କୁ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ପୁଷ୍ପାଞ୍ଜଳି କାହାକୁ ନ କହି ଚିକିତ୍ସାଳୟରୁ ଲଛିପୁର ଗ୍ରାମକୁ ଚାଲିଆସିଥିଲେ। ସନ୍ଧ୍ୟାରେ ଗୁରୁତର ହେବାରୁ ପୁଣି ତାଙ୍କୁ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ରାତି ୧୦ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁଷ୍ପାଞ୍ଜଳିଙ୍କ ବାପା କଳାହାଣ୍ଡି ଜିଲା ଧର୍ମଗଡ଼ର ଚିତ୍ରସେନ ସତନାମୀ ଥାନାରେ ଅଭିଯୋଗ କରିଛନ୍ତି, ତାଙ୍କ ଝିଅକୁ ଜ୍ୱାଇଁ ଶ୍ୟାମଲାଲ ସତନାମୀ ଅନେକ ସମୟରେ ମାରପିଟ କରିବା ସହିତ ଜୀବନରେ ମାରିଦେବାକୁ ଧମକ ଦେଇଆସୁଥିଲେ। ପୋଲିସ ଏକ ମାମଲା ରୁଜୁ କରି ଶ୍ୟାମଲାଲଙ୍କୁ ଅଟକରଖି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ପ୍ରଦୀପ ଧରୁଆ ପ୍ରକାଶ କରିଛନ୍ତି।



ଟ୍ରେନ୍‌ରେ ଆମ୍ବ ଦିଲ୍ଲୀ ପଠାଯାଉଛି।

# ପ୍ରଥମ ପର୍ଯ୍ୟାୟରେ ଗଲା ୨ ମେଟ୍ରିକ୍ ଟନ୍

ଭବାନୀପାଟଣା,୨୪।୫ (ଉତ୍ତମ କୁମାର ଦାଶ)

**ନୂଆଦିଲ୍ଲୀରେ କଳାହାଣ୍ଡିର ଆମ୍ରପଲ୍ଲୀ ଓ ମଲ୍ଲିକା ଆମ୍ବର ଚାହିଦା**

କଳାହାଣ୍ଡି ଜିଲାର ଆମ୍ରପଲ୍ଲୀ ଓ ମଲ୍ଲିକା ଆମ୍ବର ଚାହିଦା ନୂଆଦିଲ୍ଲୀରେ ବୃଦ୍ଧି ପାଇବାରେ ଲାଗିଛି । ଗତବର୍ଷ ୩.୭ ମେଟ୍ରିକ ଟନ ଆମ୍ବ ଦିଲ୍ଲୀ ଯାଇଥିବାବେଳେ ଏଥର ୨୦ ମେଟ୍ରିକ୍ ଟନ୍ ଆମ୍ବ ପଠାଯିବା ନିମନ୍ତେ ଏକ କମ୍ପାନୀ ସହ ଚୁକ୍ତି ହୋଇଛି। ଗୁରୁବାର ପ୍ରଥମ ପର୍ଯ୍ୟାୟରେ କଳାହାଣ୍ଡିରୁ ୨ ମେଟ୍ରିକ ଟନ୍ ଆମ୍ବ ଦିଲ୍ଲୀ ଯାଇଥିବା ଜଣାପଡିଛି। ଆସନ୍ତା ରବିବାର ପୁଣି ପଠାଯିବ ବୋଲି ସୂଚନା ମିଳିଛି। ଟିଟିଲାଗଡଠାରୁ ଦିଲ୍ଲୀ ଅଭିମୁଖେ ଟ୍ରେନ୍‌ରେ ପ୍ରଥମ ପର୍ଯ୍ୟାୟ ଆମ୍ବ ପଠାଯିବା ପରେ ଜିଲାର ଆମ୍ବ ଚାଷୀମାନଙ୍କ ମଧ୍ୟରେ ଉତ୍ସୁକତା ପ୍ରକାଶ ପାଇଛି। ପ୍ରକାଶ ଯେ, କଳାହାଣ୍ଡି ଜିଲାର କଳାହାଣ୍ଡି ଫୁଡ ଆଣ୍ଡ କ୍ରାଫ୍ଟ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ ପକ୍ଷରୁ ପ୍ରଥମଥର ପାଇଁ ନୂଆଦିଲ୍ଲୀର ମଦର କମ୍ପାନୀକୁ ୨୦ ମେଟ୍ରିକ ଟନ୍ ଆମ୍ବ ପଠାଯିବା ନିମନ୍ତେ ଚୁକ୍ତି କରାଯାଇଛି। ଜିଲାର ମଦନପୁର ରାମପୁର, ନର୍ଲା ଓ ଥୁଆମୂଳ ରାମପୁର ବ୍ଲକରୁ ଆମ୍ବ ସଂଗ୍ରହ କରି ପଠାଯାଉଛି। ଚାଷୀମାନଙ୍କଠାରୁ କେଜି ୭୦ ଟଙ୍କାରେ କ୍ରୟ କରାଯାଇ କଳାହାଣ୍ଡି ଫୁଡ ଆଣ୍ଡ କ୍ରାଫ୍ଟ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ ପକ୍ଷରୁ ୨% କମ୍ପାନୀ ଖର୍ଚ୍ଚ ଓ ପରିବହନ ଖର୍ଚ୍ଚ ବାବଦ ଚାଷୀଙ୍କୁ ପୈଠ ହେବ ବୋଲି ଜଣାପଡିଛି।

# ୪ ମାସରେ ୧୨୭ ଦୁର୍ଘଟଣା, ୭୫ଜଣଙ୍କ ମୃତ୍ୟୁ

ଭବାନୀପାଟଣା,୨୪।୫(ଉତ୍ତମ କୁମାର ଦାଶ)

- ମରଣଯନ୍ତା ପାଲଟିଛି ୨୬ନଂ. ଜାତୀୟ ରାଜପଥ
- ଦୁର୍ଘଟଣା ମୃତ୍ୟୁସଂଖ୍ୟା କମିବାର ନାଁ ଧରୁନାହିଁ

କଳାହାଣ୍ଡି ଜିଲାରେ ଦିନକୁ ଦିନ ସଡକ ଦୁର୍ଘଟଣା ବଢିବାରେ ଲାଗିଛି। ଏଥିପ୍ରତି ପୋଲିସ ପ୍ରଶାସନ ଓ ପରିବହନ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲାର କେସିଙ୍ଗାଠାରୁ ଭବାନୀପାଟଣା, ଜୁନାଗଡ, କୋକସରା ଦେଇ ଯାଇଥିବା ୨୬ନଂ. ଜାତୀୟ ରାଜପଥ ଏବେ ମରଣାଯନ୍ତା ପାଲଟିଛି। ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ଗତ ଜାନୁଆରୀଠାରୁ ଏପ୍ରିଲ ୪ ମାସ ମଧ୍ୟରେ ୧୨୭ ସଡକ ଦୁର୍ଘଟଣାରେ ୭୫ଜଣଙ୍କ ମୃତ୍ୟୁ ଘଟିଛି। ଗତବର୍ଷ ଏହି ମୃତ୍ୟୁହାର କମ୍ ରହିଥିଲା। ଭବାନୀପାଟଣାରୁ କୋକସରା ମଧ୍ୟରେ ୨୬ନଂ. ଜାତୀୟ ରାଜପଥରେ ଏଇ କିଛିଦିନ ମଧ୍ୟରେ ସଡକ ଦୁର୍ଘଟଣାରେ ଅନେକ ଲୋକଙ୍କ ଜୀବନ ଯାଇଛି। ଶୁକ୍ରବାର ଜୁନାଗଡରେ ବାଇକ ଦୁର୍ଘଟଣାରେ ଅବସରପ୍ରାପ୍ତ ଶିକ୍ଷକ ସୌମିତ୍ରୀ ମୁଣ୍ଡଙ୍କ ଜୀବନ ଯାଇଛି। ସେହିପରି ଗତ ୨୦ ତାରିଖରେ ଭବାନୀପାଟଣା ଏମ୍‌ଏସ୍‌ଏ ଛକଠାରେ ଏକ ହାଇୱା ଧକ୍କାରେ ସଞ୍ଜୁ ସ୍ମିତା ମୁଣ୍ଡ ନାମକ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ୧୬ ତାରିଖ ମହିଚଲାରେ କାର୍ ମାଡିଯାଇ ଲୟ ମୁଣ୍ଡା ନାମକ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଏହି ଦୁର୍ଘଟଣାରେ ଅନ୍ୟ ୭ଜଣ ଗୁରୁତର ହୋଇଥିଲେ। ଗତ ଶୁକ୍ରବାର ଆମପାଣି-ସିଉନି ରାସ୍ତାରେ ଅଜଣା ଗାଡି ଧକ୍କାରେ ସୋମନାଥ ଗୁର୍ମେଙ୍କ ଡାକ୍ତରଖାନାରେ ମୃତ୍ୟୁ ହୋଇଥିବାବେଳେ ୧୧ ତାରିଖ ବଳଦିଆମାଲଠାରେ ହାଇୱା ଧକ୍କାରେ ସହଦେବ ନାଏକଙ୍କ ମୃତ୍ୟୁ ହୋଇଥିଲା। ବେପରୁଆ ଗାଡି ଚାଳନା, ମଦ୍ୟପାନ ଓ ଦ୍ରୁତ ଗତିରେ ଗାଡି ଚାଳନା ଯୋଗୁ ଏଭଳି ଦୁର୍ଘଟଣା ହେଉଥିବା ଜଣାପଡିଛି। ଗତ ଜାନୁଆରୀରୁ ଏପ୍ରିଲ ୪ ମାସ ମଧ୍ୟରେ ଜିଲାରେ ଆର୍‌ଟିଓ ଓ ପୋଲିସ ବିଭାଗ ପକ୍ଷରୁ ଦ୍ରୁତ ଗାଡି ଚାଳନା ପାଇଁ ୪୨୮, ବିନା ହେଲମେଟ୍ ଓ ସିଟ୍ ବେଲ୍ଟ ପାଇଁ ୧୨୭, ମଦ୍ୟପାନ କରି ଗାଡି ଚଳାଇବା ପାଇଁ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯାଇଥିବା ଜଣାପଡିଛି। ସଡକ ଦୁର୍ଘଟଣା ରୋକିବାକୁ ପୋଲିସ ପ୍ରଶାସନ ଓ ପରିବହନ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଗଲେ ଅନେକ ନିରୀହ ଜୀବନ ବଞ୍ଚିପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି। ଏ ନେଇ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଏକ କମିଟି ଗଠନ କରାଯାଇ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

# ଅଂଶୁଘାତରେ ହୋମଗାର୍ଡଙ୍କ ମୃତ୍ୟୁ ଅଭିଯୋଗ

ନୂଆପଡ଼ା,୨୪।୫ (ମକାରୁ ବେମାଲ)



ନୂଆପଡ଼ା ଏସ୍‌ପି ମରଶରୀରକୁ ଶେଷ ସମ୍ମାନ ଜଣାଉଛନ୍ତି।

ନୂଆପଡ଼ା ସଦର ବ୍ଲକ ଖରିଆର ରୋଡ ଜୋଙ୍କ ଥାନା ଅଧୀନ ବଲୋଦା ଗାଁର ଶତ୍ରୁଘ୍ନ ରାଉତ (୪୭) ନାମକ ଜଣେ ହୋମଗାର୍ଡଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ ଶତ୍ରୁଘ୍ନ ଆଜକୁ ୧୫ବର୍ଷ ହେବ ନୂଆପଡା ଜିଲାରେ ହୋମଗାର୍ଡ ଭାବେ କାର୍ଯ୍ୟରତ ଥିଲେ। ଚଳିତ ସାଧାରଣ ନିର୍ବାଚନ ସମୟରେ ନୂଆପଡ଼ା ଜିଲାରେ ନିର୍ବାଚନ ଡ୍ୟୁଟି କରି ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ସେ ପଡୋଶୀ ବରଗଡ ଜିଲାକୁ ମଧ୍ୟ ନିର୍ବାଚନ ଡ୍ୟୁଟିରେ ଯାଇଥିଲେ। ୨୦ ତାରିଖ ନିର୍ବାଚନ କାମ ସାରି ସେ ୨୧ରେ ନିଜ ଘରକୁ ଫେରିଥିଲେ। ଡ୍ୟୁଟିରୁ ଫେରିବା ବେଳେ ସେ ଅସୁସ୍ଥ ଅନୁଭବ କରିଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ଗୁରୁବାର ରାତିରେ ଖାଇସାରି ବସିଥିବା ସମୟରେ ହଠାତ୍ ପଡିଯାଇ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରବଳ ଖରା ତାତିରେ ଡ୍ୟୁଟି କରିଥିବାରୁ ଅଂଶୁଘାତରେ ତାଙ୍କର ମୃତ୍ୟୁ ହୋଇଛି ବୋଲି ପରିବାର ଅଭିଯୋଗ କରିଛନ୍ତି। ଶୁକ୍ରବାର ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ମଧ୍ୟାହ୍ନରେ ନୂଆପଡ଼ା ଆରକ୍ଷୀ ଅଧୀକ୍ଷକ ଜିଆର୍ ରାଘବେନ୍ଦ୍ର ତାଙ୍କ ଗ୍ରାମକୁ ଯାଇ ମରଶରୀରକୁ ଶେଷ ସମ୍ମାନ ଜଣାଇବା ସହ ପରିବାର ଲୋକଙ୍କୁ ୧୦ ହଜାର ଟଙ୍କା ପ୍ରଦାନ କରି ସମବେଦନା ଜଣାଇଥିଲେ। ପରିବାର ଲୋକେ ଏହାକୁ ଅଂଶୁଘାତ ଜନିତ ମୃତ୍ୟୁ ବୋଲି ଘୋଷଣା କରି ସହାୟତା ରାଶି ଯୋଗାଇଦେବା ପାଇଁ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଜିଲା ହୋମଗାର୍ଡ ସଂଘ ସଭାପତି ଶରତ ହଂସ ଏସ୍‌ପିଙ୍କ ସହାନୁଭୂତି ପାଇଁ ସଂଘ ତରଫରୁ ଧନ୍ୟବାଦ ଜଣାଇ ଏହାକୁ ନିର୍ବାଚନ ଜନିତ ମୃତ୍ୟୁ ବୋଲି ଘୋଷଣା କରି ପରିବାରଙ୍କୁ ସହାୟତା ରାଶି ଯୋଗାଇଦେବା ପାଇଁ ଦାବି କରିଛନ୍ତି।

# ତରବୋଡ଼ଠାରେ ଧାନମଣ୍ଡି ଉଦ୍‌ଘାଟିତ

**ପ୍ରଥମ ଦିନରେ ୧୦ ଚାଷୀଙ୍କ ୪ଶହ କୁଇଣ୍ଟାଲ ଧାନ କ୍ରୟ**

ନୂଆପଡ଼ା,୨୪।୫ (ମକାରୁ ବେମାଲ)



ଜିଲାପାଳ ଧାନମଣ୍ଡି ଉଦ୍‌ଘାଟନ କରୁଛନ୍ତି।

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡଠାରେ ଶୁକ୍ରବାର ତରବୋଡ ପ୍ରାଥମିକ କୃଷି ସମବାୟ ସମିତି ଦ୍ୱାରା ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ନୂଆପଡା ଜିଲାପାଳ ହେମକାନ୍ତ ସାୟ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ୧୦ ଜଣ ଚାଷୀଙ୍କ ୪ ଶହ କୁଇଣ୍ଟାଲ ୨୪ କିଲୋଗ୍ରାମ ଧାନ କ୍ରୟ କରାଯାଇଛି । ଗୌର ତୁଳସି, ବୀର ବଜରଙ୍ଗବଳି ଓ କରେକୃଷ୍ଣ ରାଇସ ମିଲ୍ ଧାନ ଉଠାଣ କରିଛନ୍ତି। ଏହି ସମୟରେ ଜିଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ ରାଉତ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଆର୍ଯ୍ୟ କୁମାର ମୁଦୁଲି, ଏଆର୍‌ସିଏସ୍ ଲଳିତ କୁମାର ବିଶ୍ୱାଳ, ଡିଆର୍‌ସିଏସ୍ କ୍ଷମା ମାଝି, ତରବୋଡ ସରପଞ୍ଚ ଶ୍ୟାମସୁନ୍ଦର ପୃଷ୍ଟି, ମାନିଗୁଡା ସରପଞ୍ଚ ଯୋଗେନ୍ଦ୍ର ବାଗ, ପ୍ରାଥମିକ କୃଷି ସମବାୟ ସମିତି ସଭାପତି ହାଡୁ ପ୍ରଧାନ, ପ୍ୟାକ୍ସ କାର୍ଯ୍ୟନିର୍ବାହୀ ହେମ ସାଗର ସାହୁ, ରମେଶ ବନଛୋର, ରାକେଶ ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ ।

### ସାପ କାମୁଡ଼ାରେ ନାବାଳିକାଙ୍କ ମୃତ୍ୟୁ

ଖଡ଼ିଆଳ,୨୪।୫ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ସିନାପାଲି ଥାନା ଅନ୍ତର୍ଗତ କୁସୁମଯୋର ପଞ୍ଚାୟତର ହଳଦୀଖୋଲ ଗ୍ରାମରେ ସାପ କାମୁଡ଼ାରେ ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଟିକଚନ ମାଝିଙ୍କ ଝିଅ ବିଷ୍ଣୁପ୍ରିୟା ମାଝି (୧୫)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ବିଷ୍ଣୁପ୍ରିୟା ଘରେ ଭୂମିରେ ଶୋଇଥିବା ବେଳେ କୌଣସି ସାପ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଖଡ଼ିଆଳସ୍ଥିତ ମିଶନ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସିନାପାଲି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ବେଦାନ୍ତ ସେବା ସମିତି ପକ୍ଷରୁ ଲେମ୍ବୁପାଣି ବଣ୍ଟନ



ନୂଆପଡ଼ା,୨୪।୫ (ମକାରୁ ବେମାଲ)

ନୃସିଂହ ଜନ୍ମ ଉପଲକ୍ଷେ ନୂଆପଡ଼ା ଶ୍ରୀଯୋଗ ବେଦାନ୍ତ ସେବା ସମିତି ଓ ସନ୍ଥ ଆଶାରାମ ଜୀ ବାପୁ ଆଶ୍ରମ ଜାମଳିଙ୍କ ମିଳିତ ଆନୁକୂଲ୍ୟରେ ଲୋକଙ୍କୁ ଲେମ୍ବୁପାଣି ବଣ୍ଟନ କରାଯାଇଥିଲା। ବୈଶାଖି ଚତୁର୍ଦ୍ଦଶୀରେ ବିଭିନ୍ନ ଧର୍ମସ୍ଥଳୀରେ ମେଳାର ଆୟୋଜନ ହୋଇଥିଲା। ଏଥିଲାଗି ପୁରପଲ୍ଲୀ ଉତ୍ସବମୁଖର ହୋଇଉଠିଥିଲା। ବିଶେଷ କରି ନୃସିଂହନାଥ, ହରିଶଙ୍କର, ଗୋଧସ ମେଳା, ରାଣୀମହାସ ମେଳା ସମେତ ବିଭିନ୍ନ ଶୈବପୀଠକୁ ଯିବା ପାଇଁ ବସ୍‌ଷ୍ଟାଣ୍ଡରେ ଲୋକଙ୍କ ଭିଡ ଲାଗିଥିଲା। ସେମାନଙ୍କ ଆତ୍ମତୃପ୍ତି ପାଇଁ ଉପରୋକ୍ତ ଦୁଇ ଅନୁଷ୍ଠାନ ପକ୍ଷରୁ ଲେମ୍ବୁ ପାଣି, ଘୋଳଦହି, ସରବତ ଇତ୍ୟାଦି ବଣ୍ଟନ କରାଯାଇଥିଲା। ସଂଗଠନ ସଭାପତି ରମେଶ ସାହୁ, ଉପସଭାପତି ସୁକାନ୍ତ ଶତପଥି, ସମ୍ପାଦକ ଡିଲେଶ୍ୱର ସାହୁ, ସହ ସମ୍ପାଦକ ଦୀନାନାଥ ସତନାମୀ, କୋଷାଧ୍ୟକ୍ଷ ପିତାମ୍ବର ସିଂ ମାଝି, ଶିବ ପ୍ରସାଦ କୋଳହ, ସେତରାମ ସାହୁ ପ୍ରମୁଖ ଉପସ୍ଥିତ ରହି ସେବା ଯୋଗାଇଥିଲେ ।

# ଆଇପିଏଲ୍ ବେଟିଂ: ପଥଭ୍ରଷ୍ଟ ହେଉଛନ୍ତି ଯୁବଗୋଷ୍ଠୀ

ଜୁନାଗଡ଼, ୨୪।୫ (ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲାର ଜୁନାଗଡ଼ ସହରରେ ଆଇପିଏଲ୍ କ୍ରିକେଟ ବେଟିଂ ଦେଖିବାକୁ ମିଳୁଛି। ଆଇପିଏଲ୍‌ର ୨ ପ୍ରତିପକ୍ଷ ଟିମରେ କିଏ ଜିତିବ, କିଏ ହାରିବ ସେ ନେଇ ଟଙ୍କା ବୋଲି ଲଗାଯାଉଛି। ଯଦି ସେହି ଟିମ ହାରିଯାଏ ତେବେ ଟଙ୍କା ଲଗାଇଥିବା ଲୋକ ସ୍ୱର୍ବସ୍ୱାନ୍ତ ହେଉଛନ୍ତି। ବର୍ତ୍ତମାନ ଛୋଟ ଛୋଟ ବୁକିମାନେ ଲକ୍ଷ ଲକ୍ଷ ଟଙ୍କାର ଖେଳ କରୁଛନ୍ତି। ଫୋନ ମାଧ୍ୟମରେ ଏହି ଖେଳ ଚାଲୁଥିବା ବେଳେ ପୋଲିସ ନିଦାବିଷ୍ଟୁ ସାଜିଛି। ବର୍ତ୍ତମାନ ଜିଲାର ଜୁନାଗଡ଼ଠାରୁ ଏହି ଆଇପିଏଲ୍ ବେଟିଂ ନିୟନ୍ତ୍ରଣ ହେଉଥିବା ଜଣାପଡିଛି। ଆଉ ଏହି ନେଟ୍‌ୱର୍କ ଭବାନୀପାଟଣା, କେସିଙ୍ଗା, ଟିଟିଲାଗଡ଼, କଣ୍ଟାବାଞ୍ଜି ଦେଇ ରାୟପୁରକୁ ଲମ୍ବିଛି। ଜୁନାଗଡ଼ ପୋଲିସ ମଧ୍ୟ ଏ ବାବଦରେ ଅଜ୍ଞ ଥିବା ଜଣାପଡିଛି। ଆଇପିଏଲ୍ ଯୋଗୁ ବହୁ ଯୁବକ ପଥଭ୍ରଷ୍ଟ ହେବାରେ ଲାଗିଛନ୍ତି। ଏ ସମ୍ପର୍କରେ ଜୁନାଗଡ଼ ଥାନା ଅଧିକାରୀ ଉଲ୍ଲାସ ରାଉତଙ୍କୁ ପଚାରିବାରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ।

# ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

କୋକସରା,୨୪।୫ (ଦୁଷ୍ମନ୍ତ କୁମାର ପାଟଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ବରାଡ଼ଙ୍ଗା ପଞ୍ଚାୟତ ଶିଉନି ଗାଁରେ ଅଷ୍ଟପ୍ରହର ନାମଯଜ୍ଞ ଦହିହାଣ୍ଡି ଭଗ୍ନ ସହ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ନାମଯଜ୍ଞରେ ଆଖପାଖ ଅଞ୍ଚଳର ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ଦୁଇଦିନ ଧରି ହରେକୃଷ୍ଣ ହରେ ରାମ ଧ୍ୱନିରେ ଗାଁ ଗୁଞ୍ଜରିତ ହୋଇଉଠିଥିଲା। ନାମଯଜ୍ଞ କର୍ତ୍ତା ଭାବେ ଗଜାନନ ଧ. ମାଝି ଓ ଦେବକୀ ଧ. ମାଝି ଦାୟିତ୍ୱ ନିର୍ବାହ କରିଥିଲେ। ଆୟୋଜକ କମିଟି ପକ୍ଷରୁ ନରେନ୍ଦ୍ର ଧ. ମାଝି, ସନାତନ ପଣ୍ଡା, ଗୋବିନ୍ଦ ମାଝି, ପରମେଶ୍ୱର ଧ. ମାଝି, ଭୁବନେଶ୍ୱର ଦିଶାରୀ, ସୁବାସ ବେହେରା, ଈଶ୍ୱରୀ ପ୍ରସାଦ ଅଗସ୍ତି, ସୁମନ୍ତ ପଣ୍ଡା ସମେତ ଶିଉନି ଗ୍ରାମବାସୀ ସହଯୋଗ କରିଥିଲେ।



ଯଜ୍ଞମଣ୍ଡପରେ ନାମ ସଂକୀର୍ତ୍ତନ ଚାଲିଛି।

# ସହାୟତା ଅପେକ୍ଷାରେ ଦିବ୍ୟାଙ୍ଗ କଳାକାର

ଖଡ଼ିଆଳ,୨୪।୫(ସୁଜିତ କୁମାର ପ୍ରଧାନ)

ଜନ୍ମରୁ ଦୃଷ୍ଟିହୀନ, କିନ୍ତୁ ଘୁଡୁକି ବାଦ୍ୟରେ ପ୍ରବୀଣ। ତାଙ୍କ କଣ୍ଠସ୍ୱରରେ ସତେ ଯେପରି ମାଦକତା ଭରିରହିଛି। ଏଭଳି ଜଣେ ଦିବ୍ୟାଙ୍ଗ କଳାକାର ହେଉଛନ୍ତି ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଶରଧାପୁର ପଞ୍ଚାୟତ ଡଙ୍କସର ଗ୍ରାମର ଅର୍ଜୁନ ତାଣ୍ଡି। ହେଲେ ସରକାରୀ ସହାୟତା ମିଳୁ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି। ପୁଅ ଜନ୍ମହେବା ପରେ ବାପା ନୃପ ତାଣ୍ଡି ଓ ମା' ମଥୁରା ତାଣ୍ଡିଙ୍କ ସମେତ ପରିବାରରେ ଖୁସିର ଲହରି ଖେଳିଯାଇଥିଲା। ହେଲେ ଏ ଖୁସି ବେଶି ଦିନ ରହିଲାନାହିଁ। ଅର୍ଜୁନଙ୍କୁ ୬ମାସ ହୋଇଥିବା ସମୟରେ ବସନ୍ତ ରୋଗରେ ପୀଡ଼ିତ ହୋଇ ସବୁଦିନ ପାଇଁ ଦୃଷ୍ଟିଶକ୍ତି ହରାଇଲେ। ଅର୍ଥାଭାବ ହେତୁ ଆଖି ଚିକିତ୍ସା ହୋଇପାରିଲା ନାହିଁ। ୧୦ବର୍ଷ ହେବା ପରେ ଦିବ୍ୟାଙ୍ଗ ଅର୍ଜୁନ ଘୁଡୁକି ବଜାଇବା ଶିଖିଲେ ଓ ପାରଦର୍ଶିତା ହାସଲକଲେ। ଘୁଡୁକି ବଜାଇ ଓ ଗୀତ ଗାଇ ସେ ଗାଁ ଗାଁ ବୁଲି ଭିକ୍ଷା ମାଗିଲେ। ତାଙ୍କର ମଧୁର କଣ୍ଠସ୍ୱର ଓ ନିପୁଣ ଘୁଡୁକି ବାଦନ ଲୋକଙ୍କ ଦୃଷ୍ଟି ଆକର୍ଷଣ କଲା। ତାଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲହେବା ସୁଯୋଗ ମିଳିଲା ଓ ଭଲ ଦୁଇପଇସା ରୋଜଗାର ହେଲା। ପରେ ଆକାଶବାଣୀ ଭବାନୀପାଟଣା ଓ ଦୂରଦର୍ଶନ କେନ୍ଦ୍ରରେ ଗୀତ ଗାଇ ଘରେ ଘରେ ପରିଚିତ ହେଲେ ଅର୍ଜୁନ। ଅନେକ ଅନୁଷ୍ଠାନ ଦ୍ୱାରା ସେ ସମ୍ମାନିତ ମଧ୍ୟ ହୋଇଛନ୍ତି। ସରକାରଙ୍କ ତରଫରୁ ତାଙ୍କୁ କଳାକାର ଭତ୍ତା ମିଳୁଛି। ଆଗରୁ କେନ୍ଦ୍ରୀୟ କଳାକାର ଭତ୍ତା ମିଳୁଥିବା ବେଳେ ୨୦୨୨ରୁ ଆଉ ପାଉ ନ ଥିବା କହିଛନ୍ତି। ବିଭିନ୍ନ ସରକାରୀ ଯୋଜନାରେ ସାମିଲ ହେଲେ ସେ ପରିବାର ଚଳାଇପାରନ୍ତେ ବୋଲି କହନ୍ତି। ପରିବାର କହିଲେ ସ୍ତ୍ରୀ ଘରମଣି, ଝିଅ ନମିତା (ଯୁକ୍ତ ୨ ଦ୍ୱିତୀୟ ବର୍ଷ ପରୀକ୍ଷା ଦେଇଛନ୍ତି) ଓ ପୁଅ ବେଣୁଧର (ସପ୍ତମ ଶ୍ରେଣୀ)। ଆବାସ ଯୋଜନାରେ ଘର ଖଣ୍ଡେ ମିଳି ନ ଥିବାରୁ ଏକ ଭଙ୍ଗାଘରେ ରହୁଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ତାଙ୍କୁ ଅନ୍ତ୍ୟୋଦୟ କାର୍ଡ ମିଳିବା କଥା। କିନ୍ତୁ ପିଏଚ୍‌ଏଚ୍ କାର୍ଡରେ ୨୦ କିଲୋଗ୍ରାମ ଚାଉଳ ମିଳୁଛି। ୬୮ବର୍ଷ ବୟସ୍କ ଅର୍ଜୁନଙ୍କ ଦେହ ଭଲ ରହୁ ନ ଥିବାରୁ ଘରମଣି ପର ଘରେ ମୂଲଲାଗି ପରିବାର ଚଳାଉଛନ୍ତି। ଏହି ପରିବାର ବିଷୟରେ ଖଡ଼ିଆଳ ବିଡିଓ ବୀରସେନ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସରକାରୀ ନିୟମ ଅନୁସାରେ ସହାୟତା କରାଯିବ ବୋଲି କହିଛନ୍ତି।



ପରିବାର ସଦସ୍ୟଙ୍କ ସହ ଦିବ୍ୟାଙ୍ଗ ଅର୍ଜୁନ।

## ସଂକ୍ଷେପରେ

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ: ଯୌତୁକ ନିର୍ଯ୍ୟାତନା ଅଭିଯୋଗ ଆଣିଲେ ପରିବାର ଲୋକେ

**ରାଉରକେଲା, ୨୪।୫(ସଙ୍ଗୀତା ଜେନା):** ସେକ୍ଟର-୧୯ ଥାନା ଅନ୍ତର୍ଗତ ସେକ୍ଟର-୨୦ ଆଜାଦ୍ ବସ୍ତିରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତା ମହିଳା ହେଲେ ତମନ୍ନା ଖାତୁନ୍(୨୩)। ଯୌତୁକ ନିର୍ଯ୍ୟାତନା ଯୋଗୁ ତମନ୍ନାଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ସେକ୍ଟର-୧୯ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ନଂ. ୯୫/୨୪ ରୁଜୁ କରି ଘଟଣାର ତଦନ୍ତ କରିବା ସହ ସ୍ୱାମୀଙ୍କୁ ଅଟକ ରଖି ପଚରା ଉଚରା କରୁଛି।

### ସମ୍ବିତ ପାତ୍ରଙ୍କ ବୟାନକୁ ନେଇ କୁଶପୁତ୍ତଳିକା ଦାହ

**ରାଉରକେଲା,୨୪।୫(ସଙ୍ଗୀତା ଜେନା):** କିଛି ଦିନ ପୂର୍ବେ ପୁରୀରେ ନିର୍ବାଚନୀ ପ୍ରଚାରରେ ଭାଜପା ବରିଷ୍ଠ ନେତା ସମ୍ବିତପାତ୍ର ଜଗନ୍ନାଥଙ୍କୁ ନେଇ ଦେଇଥିବା ବୟାନ ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଏହି କ୍ରମରେ ଶୁକ୍ରବାର ସନ୍ଧ୍ୟାରେ ରାଉରକେଲା ଜିଲା କଂଗ୍ରେସ ପକ୍ଷରୁ ବିଶ୍ରା ଛକରେ ପ୍ରଧାନମନ୍ତ୍ରୀ ମୋଦୀ ଓ ସମ୍ବିତଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ରବି ରାୟ, ରଶ୍ମି ପାଢ଼ୀ, ଜ୍ଞାନେନ୍ଦ୍ର ଦାଶ, ବିନୋଦ ରାଉତ,ପ୍ରବୋଧ ଦାସ, ଇଜାଜ ଅଖତାର ସମେତ କଂଗ୍ରେସ କର୍ମୀମାନେ ଏହି ଅବସରରେ ଉପସ୍ଥିତ ଥିଲେ।

# ନିର୍ବାଚନରେ ପରିବର୍ତ୍ତନକୁ ନେଇ ଆଶା

**ରାଉରକେଲା ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଘ ନିର୍ବାଚନ**

**ରାଉରକେଲା,୨୪।୫(ସଙ୍ଗୀତା ଜେନା)**

ସେଲ୍ ପରିଚାଳିତ ରାଉରକେଲା ଇସ୍ପାତ କାରଖାନା(ଆର୍ଏସ୍ପି)ରେ ଚଳିତ ବର୍ଷ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଘ ନିର୍ବାଚନ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଆର୍ଏସ୍ପିରେ ସକ୍ରିୟ ଶ୍ରମିକ ସଂଘ ଗୁଡ଼ିକ ଆଞ୍ଚଳିକ ଶ୍ରମ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମେ ୧୫ ସୁଦ୍ଧା ଏହି ଶ୍ରମ ସଂଗଠନ ଗୁଡ଼ିକ ନିଜ ଅନୁଷ୍ଠାର ନଥିପତ୍ର ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଉକ୍ତ ପ୍ରକ୍ରିୟା ଏବେ ପର୍ଯ୍ୟନ୍ତ ସମ୍ପନ୍ନ ହୋଇପାରିନାହିଁ। ଯାହା ଫଳରେ ନିର୍ବାଚନର ନିର୍ଦ୍ଦିଷ୍ଟ ତାରିଖ ଘୋଷଣା କରାଯାଇନାହିଁ। ଅପରପକ୍ଷରେ ଉକ୍ତ ନିର୍ବାଚନକୁ ନେଇ ଶ୍ରମିକ ମହଲରେ ଉତ୍ସାହ, ଉତ୍କଣ୍ଠା ଦେଖାଦେଇଛି। ଶ୍ରମିକ କର୍ମଚାରୀଙ୍କୁ ବକେୟା ୩୯ ମାସର ଏରିଅର ପ୍ରଦାନ, ପୂର୍ଣ୍ଣାଙ୍ଗ ଏନ୍ଜେସିଏସ୍ ଆଦିଦାବିକରିଛନ୍ତି। ସମ୍ପ୍ରତି କାରଖାନାରେ ୯୮୫୧ଜଣ କାର୍ଯ୍ୟରତ ଶ୍ରମିକ ରହିଛନ୍ତି। ରାଉରକେଲା ଶ୍ରମିକ ସଂଘ ଓ ଗାଙ୍ଗପୁର ମଜଦୁର ମଞ୍ଚ(ଜିଏମ୍ଏମ୍)ର ମେଣ୍ଟ କାରଖାନାରେ ସ୍ୱୀକୃତି ଲାଭ କରିଥିଲେ। ଯାହାର କାର୍ଯ୍ୟକାଳ ମାର୍ଚ୍ଚ ୨୧ରେ ଶେଷ ହୋଇଛି।

**ସେମାନେ ଯାହା କୁହନ୍ତି...**



"ଯେଉଁ ଉଦ୍ଦେଶ୍ୟରେ ଶ୍ରମିକମାନେ ଗତ ସଂଗଠନକୁ ନିର୍ବାଚିତ କରିଥିଲେ ତାହା ଅଦ୍ୟାବଧୀ ପୂରଣ ହୋଇପାରିଲା ନାହିଁ। ୱେଜ ରିଭିଜନ୍, ବୋନସ୍, ଆଦି ମିଳିପାରିଲା ନାହିଁ। ଏପରିକି ନ୍ୟାସ୍‌ନାଲ୍ ଜଏଣ୍ଟ କମିଟି ଫର୍ ଷ୍ଟିଲ ଇଣ୍ଡଷ୍ଟ୍ରିଜ(ଏନ୍ଜେସିଏସ୍) ପୂର୍ଣ୍ଣାଙ୍ଗ ହୋଇପାରିଲା ନାହିଁ। ତେଣୁ ଆଗାମୀ ନିର୍ବାଚନରେ ଶ୍ରମିକମାନେ ଶକ୍ତିଶାଳୀ ସଂଗଠନ ପାଇବେ ବୋଲି ଆଶା କରୁଛୁ।

**–ମୂରଲୀଧର ମଥାନ ( ଆର୍ ଆଣ୍ଡ ସି ଲ୍ୟାବ)**



"ରାଉରକେଲା ଶ୍ରମିକ ସଂଘ(ଆର୍ଏସ୍ଏସ୍) ୧୯୯୫ରେ ହାଇକୋର୍ଟରେ ଗୋପନୀୟ ବ୍ୟାଲେଟ୍ ଜରିଆରେ ଶ୍ରମିକ ସଂଘ ନିର୍ବାଚନ ସପକ୍ଷରେ ଚ୍ୟାଲେଞ୍ଜ କରିଥିଲା। ସେହିଦିନଠାରୁ ନିୟମିତ ନିର୍ବାଚନ ହୋଇ ଆସୁଛି। ଏବେ ମଧ୍ୟ ଶ୍ରମିକମାନେ ନିର୍ବାଚନ ସପକ୍ଷରେ ରହିଛନ୍ତି। ୩୯ମାସର ଏରିଅର, ରାତ୍ରୀକାଳୀନ ଭତ୍ତା ସମେତ ଅନ୍ୟ ଦାବିଗୁଡ଼ିକ ପରିପୂର୍ଣ୍ଣ କରିବା ଆଶା କରୁଛୁ।

**–ନିହାର ସାମଲ (ଷ୍ଟିଲ୍ ମେଲ୍ଟିଂ ସପ୍-୨)**



"ଏହି ନିର୍ବାଚନକୁ ନେଇ ଉତ୍ସାହ ଦେଖାଯାଉଛି। ଏରିଅର, ସ୍ୱାସ୍ଥ୍ୟ, ଶିକ୍ଷା, କମ୍ପାନୀ କ୍ୱାଟର ଗୁଡ଼ିକର ମରାମତି ଆଦିରେ ନୂତନ ସଂଘ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିବ ବୋଲି ଆଶା କରୁଛୁ। ପଦୋନ୍ନତି, ରାତ୍ରୀକାଳୀନ ଭତ୍ତା ଆଦିକୁ କାର୍ଯ୍ୟକାରୀ କରିବା ମଧ୍ୟ ଅତ୍ୟନ୍ତ ଜରୁରୀ ରହିଛି। ୧୯୯୫ରୁ ଶ୍ରମିକ ସଂଘ ସ୍ୱୀକୃତି ପାଇ ଆସୁଥିଲେ ମଧ୍ୟ ଆଖିଦୃଶିଆ ବିକାଶ ପରିଲକ୍ଷିତ ହୋଇପାରିଲା ନାହିଁ।

**–ନିରଞ୍ଜନ ସାମଲ( କୋକ୍ ଓଭେନ୍)**



"ଇସ୍ପାତ କାରଖାନାରେ କର୍ମଚାରୀ ସ୍ୱାଭିମାନ୍ ସହ ସେବା ଦେବା କ୍ଷେତ୍ରରେ ନୂତନ ଶ୍ରମିକ ସଂଗଠନ କାର୍ଯ୍ୟକରିବ ଆଶା କରାଯାଉଛି। ଶ୍ରମିକଙ୍କ ବୃହତ୍ତ ସ୍ୱାର୍ଥ, ଆତ୍ମସ୍ୱାଭିମାନକୁ ସୁରକ୍ଷିତ ଦିଗରେ କାମ ଆବଶ୍ୟକ। ସୁପ୍ରିମକୋର୍ଟ ହାଇୟର୍ ପେନସନ୍ ସ୍କିମ୍ ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯାହାକି ପୂର୍ଣ୍ଣ କରିବାରେ ପ୍ରତିବନ୍ଧକ ହେଉଛି। ଏକ ବଳିଷ୍ଠ ନେତୃତ୍ୱ ହିଁ ଶ୍ରମିକଙ୍କ ସ୍ୱାର୍ଥକୁ ନ୍ୟାୟ ଦେଇ ପାରିବ ବୋଲି ଆଶା କରାଯାଉଛି।

**–ରମାକାନ୍ତ ପରିଡା( ଡିଜାଇନ୍)**



"ବକେୟା ଏରିଅରକୁ ନେଇ ବିଭିନ୍ନ ଶ୍ରମିକ ସଂଘ ପକ୍ଷରୁ କେବଳ ବାହାନା ଦେଖିବାକୁ ମିଳିଥିଲା। ଶ୍ରମିକ ସ୍ୱାର୍ଥକୁ କେହି ଗୁରୁତ୍ୱ ଦେଉନାହାଁନ୍ତି। ଥରେ ସ୍ୱୀକୃତି ପାଇବା ପରେ ସଂଘ ଶ୍ରମିକଙ୍କୁ ଚିହ୍ନୁ ନାହିଁ। ଅନେକ କ୍ଷେତ୍ରରେ ଆଶା ମଉଳିଯାଉଛି। ଆଗଭଳି ସଂଘ ମାନଙ୍କର ପତିଆରା ଆଉ ଦେଖିବାକୁ ମିଳୁନାହିଁ।

**–ପ୍ରଦୀପ ପଣ୍ଡା(ଏୟାର କଣ୍ଡିସନିଂ)**



"ପୂର୍ବତନ ସଂଗଠନଙ୍କୁ ଶ୍ରମିକ ମାନେ ଭରସା କରି ଭୋଟ ଦେଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ ଏନ୍ଜେସିଏସ୍, ସ୍ୱାସ୍ଥ୍ୟ ଭତ୍ତା ମିଳିଲା ନାହିଁ। ତେଣୁ ଚଳିତ ଥର କାହାକୁ ଭୋଟ ଦେବେ ଶ୍ରମିକ ଦ୍ୱନ୍ଦରେ ରହିଛନ୍ତି।

**–'କ୍ଷୀରୋଦ ପଣ୍ଡା ( ଅଗ୍ନିଶମ ବିଭାଗ)**

## ସିଟୁ ପକ୍ଷରୁ ଶ୍ରମିକ ନେତାଙ୍କୁ ଶ୍ରଦ୍ଧାଞ୍ଜଳି

**ରାଉରକେଲା, ୨୪।୫(ସଙ୍ଗୀତା ଜେନା)**

ଶ୍ରମିକ ନେତା, ସିଟୁ କେନ୍ଦ୍ର କାର୍ଯ୍ୟକାରୀ କମିଟିର ପୂର୍ବତନ ସଦସ୍ୟ ରାଧାରମଣ ଷଡଙ୍ଗୀଙ୍କ ଦେହାନ୍ତରେ ସିଟୁ ସୁନ୍ଦରଗଡ଼ ଜିଲାକମିଟି ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ସେକ୍ଟର-୧୬ ଶ୍ରମିକ ଭବନଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସିଟୁ ସର୍ବଭାରତୀୟ ଉପସଭାପତି ବିଷ୍ଣୁ ମହାନ୍ତଙ୍କ ଉପସ୍ଥିତିରେ ଆୟୋଜିତ ସଭାରେ ସ୍ୱର୍ଗତ ଷଡଙ୍ଗୀଙ୍କ ସ୍ମୃତିଚାରଣ କରାଯାଇଥିଲା। ତାଙ୍କ ଶେଷ ଇଚ୍ଛା ମୁତାବକ ଷଡଙ୍ଗୀଙ୍କ ମରଶରୀରକୁ ଡାକ୍ତରୀ ଛାତ୍ରଙ୍କ ଉଦ୍ଦେଶ୍ୟରେ ଏମ୍ସକୁ ହସ୍ତାନ୍ତର କରାଯାଇଥିଲା। ସୁନ୍ଦରଗଡ଼ ସିଟୁ ଜିଲା ଉପସଭାପତି ଶ୍ରୀମନ୍ତ ବେହେରାଙ୍କ ସଭାପତିତ୍ୱରେ ରାଜ୍ୟ ଉପସଭାପତି ତଥା ଜିଲା ସାଧାରଣ ସମ୍ପାଦକ ବିମାନ ମାଇତି, ଜାହାଙ୍ଗୀର ଅଲ୍ଲୀ, ବସନ୍ତ ନାୟକ, ହୃଦୟାନନ୍ଦ ଯାଦବ, ଶକୁନ୍ତଳା ମହାକୁଡ଼, ସୁରେନ୍ଦ୍ର ଦାଶ, ରାଜକିଶୋର ପ୍ରଧାନ, ତାଜମୁନ ନେହାର, ଅକ୍ଷୟ ମହାନ୍ତ, ରତ୍ନାକର ନାୟକ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

## ଶୀତଳପଡା ବଜରଙ୍ଗ ଦଳ ପକ୍ଷରୁ ଅଯୋଧ୍ୟା ଯାତ୍ରା

**ରାଉରକେଲା,୨୪।୫(ଦିନେଶ ମିଶ୍ର):** ଉଦିତନଗର ସ୍ଥିତ ଶୀତଳପଡା ଅଞ୍ଚଳରେ ଥିବା ଶ୍ରୀବଜରଙ୍ଗ ଦଳ ପକ୍ଷରୁ ସଭାପତି ସୋନୁ ସାହୁଙ୍କ ଅଧ୍ୟକ୍ଷତାରେ ବହୁ କର୍ମୀ ଶୁକ୍ରବାର ଅଯୋଧ୍ୟାକୁ ଯାତ୍ରା କରିଛନ୍ତି। ଦେଶର ସଦ୍‌ଭାବନା ଓ ଶାନ୍ତି ବଜାଇ ରହିବା ସହ ରାଉରକେଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ସଙ୍ଗଠନ ପକ୍ଷରୁ ରାମ ମନ୍ଦିରରେ ପୂଜାର୍ଚ୍ଚନା କରାଯିବ ବୋଲି ସାହୁ ସୂଚନା ଦେଇଛନ୍ତି। ଏହି ଅବସରରେ ସଙ୍ଗଠନ ପକ୍ଷରୁ ବସ୍ତି ଅଞ୍ଚଳରୁ ପ୍ରତ୍ୟେକ ଘରୁ ଅକ୍ଷତ ସଂଗ୍ରହ କରାଯାଇ ଥିଲା। ଏଥିରେ କିଶୋର ଲୁହାର, ଅଶୋକ ଲୋହାର, ବିଜୟ ବଡାଇକ,ବିଶାଲ ମାରିଓ, ଲତା ସାହୁଙ୍କ ସହ ଦଳର ବହୁ କର୍ମୀ ଉପସ୍ଥିତ ଥିଲେ।



ମହିଳା ଓ ପୁରୁଷମାନେ ଆଦିବାସୀ ନୃତ୍ୟ ପରିବେଷଣ କରୁଛନ୍ତି।

## କୁକୁଡ଼ାରେ ପାଡ଼ା ଜେଟ ଯାତ୍ରା

**ବନ୍ଧମୁଣ୍ଡା,୨୪।୫(ସୁବ୍ରତ ଦେ)**

କୁକୁଡ଼ା ସାରନାଠାରେ କୁଡ଼ୁଖ ପାଡ଼ା ଜେଟ ଯାତ୍ରା ଆୟୋଜିତ ହୋଇଯାଇଛି। ଏହି ଅବସରରେ ଭାଲୁଲତା କୁଡ଼ୁଖ ପାଡ଼ାର ବେଲବୁଦା ଓରାମ ଏବଂ ବନ୍ଧମୁଣ୍ଡା ଥାନା ଅଧିକାରୀ ଅଶୋକ କୁମାର ଦାସ ମୁଖ୍ୟ ଅତିଥିଭାବେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ କୁକୁଡ଼ା,ବାରାବାଂଶ, କପାଟମୁଣ୍ଡା, ଟୁଙ୍ଗ୍ରିଟୋଲି, ଟାଙ୍ଗରପାଲି, ସିନେମାଟୋଲି, ରିଯୁ, ଲୋହାଣ୍ଡା, ଝିରପାନି, ଜାମସେରା, ବାର୍ଟୋଲି, ଆର୍ଏସ୍ କଲୋନି, ପୋଗରାବାହାଲ, ଜାରାଟୋଲି, ସନ୍ତୋଷପୁର, ଭିଜାଡିହି, ବାଙ୍ଗୁରକେଲା ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଗାଁରୁ ଆସିଥିବା ଯାତ୍ରା ଦଳ ଏଠାରେ ପହଞ୍ଚି ଆଦିବାସୀ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସମ୍ବର୍ଦ୍ଧିତ କରି ମୁଖ୍ୟ ଅତିଥି ବୁଦା ଓରାମ କହିଛନ୍ତି, ଆଦିବାସୀ ସମାଜର ରୀତିନୀତି ଏବଂ ପରମ୍ପରାକୁ ଜୀବନ୍ତ ରଖିବା ଆମର ସମସ୍ତଙ୍କର ମୌଳିକ କର୍ତ୍ତବ୍ୟ। ଆଦିବାସୀ ସମାଜର ଲୋକମାନେ ପରସ୍ପର ସହ ଯୋଗାଯୋଗ ରଖିବା ଏବଂ ନିଜ ନିଜ ମଧ୍ୟରେ ସୂଚନା ଆଦାନପ୍ରଦାନ କରିବା ସହ ସମସ୍ତେ ଶିକ୍ଷିତ ହେବା ଆବଶ୍ୟକ। ଏହା ବ୍ୟତୀତ ଥାନା ଅଧିକାରୀ ଦାଶ କହିଛନ୍ତି, ଆଦିବାସୀ ସମାଜ ତଥା ଆଦିବାସୀ ଯୁବବର୍ଗଙ୍କୁ ସଂଗଠିତ ହେବାର ଅଧିକ ଆବଶ୍ୟକତା ରହିଛି। ଯୁବବର୍ଗଙ୍କୁ ଶିକ୍ଷିତ ହେବା ସହିତ ସେମାନଙ୍କ ଆଦିବାସୀ ସଂସ୍କୃତି ସହ ସଂଯୁକ୍ତ ରହିବା ପାଇଁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜନା ବିକ୍ରମ ଲାକ୍ରା କରିଥିବା ବେଳେ ଡେମେ ଓରାମ, ଦେବା କେରକେଟ୍ଟା,ବିଲ୍ଲୁ ତିର୍କୀ, ସଞ୍ଜୀବ ଖେସ, ସୁନୀଲ ଖାଲକୋ, ପୂର୍ଣ୍ଣିମା କିଣ୍ଡୋ କାର୍ଯ୍ୟକ୍ରମର ଆୟୋଜନରେ ସହଯୋଗ କରିଥିଲେ।

## ଗାଡ଼ି ଧକ୍କାରେ ସାଇକେଲ ଆରୋହୀ ମୃତ

**ଲହୁଣୀପଡା,୨୪।୫(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ଜୁନିଆନି ଗ୍ରାମ ନିକଟରେ ଗୁରୁବାର ରାତିରେ ଏକ ଅଜଣା ଗାଡି ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୌମତଡିହି ଗ୍ରାମର ଗଣନାଥ ମାହାନ୍ତ(୫୬)। ପୋଲିସ ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମିଳିଥିବା ସୂଚନା ଅନୁଯାୟୀ, ଗଣନାଥ ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ଜୁନିଆନି ନିକଟରେ ରାସ୍ତା ପାରି ହେଉଥିବା ବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଲହୁଣୀପଡା ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## କୃତ୍ରିମ ଇଣ୍ଟେଲିଜେନ୍ସ,ମେଶିନ୍ ଲର୍ନିଂ ଜାତୀୟ ସ୍ତରୀୟ ଆଲୋଚନା ଚକ୍ର

**ରାଉରକେଲା,୨୪।୫(ଦିନେଶ ମିଶ୍ର)**

ରାଉରକେଲା ଆଇଇଆଇ ବିଲଡିଂ ସ୍ଥିତ ପଟେଲ ମେମୋରିଆଲ ହଲ ପରିସରରେ କୃତ୍ରିମ ଇଣ୍ଟେଲିଜେନ୍ସ ଓ ମେସିନ ଲର୍ନିଂ ପରିବେଶ ପାଇଁ ସାମଗ୍ରୀ ଶିକ୍ଷା ଉପରେ ଏକ ଜାତୀୟ ସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଇନଷ୍ଟିଚ୍ୟୁସନ ଅଫ ଇଞ୍ଜିନିୟରିଂଙ୍ଗ ଭାରତର ଉପସଭାପତି ଡ. ନୂତନ କୁମାର ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ଏନ୍ଆଇଟିର ଭାରପ୍ରାପ୍ତ ନିର୍ଦ୍ଦେଶକ ଡ. ସ୍ନେହାସିସ୍ ଚକ୍ରବର୍ତ୍ତୀ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ରାଉରକେଲା କେନ୍ଦ୍ରର ଅଧ୍ୟକ୍ଷ ସନ୍ତୋଷ କୁମାର ପୋଲାକି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୃତ୍ରିମ ଇଣ୍ଟେଲିଜେନ୍ସ ଓ ମେସିନ ଲର୍ନିଙ୍ଗ ପରିବେଶ ପାଇଁ ହିତକର ବିଷୟବସ୍ତୁ ଉପରେ ଆବାହକ ଡ. ସନ୍ତୋଷ କୁମାର ବ୍ୟକ୍ତବ୍ୟ ରଖିଥିଲେ। ପରେ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ସେମିନାରର ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନର ଶିକ୍ଷାବିତ, ଶିଳ୍ପ ଓ ଅନୁସନ୍ଧାନ ସଙ୍ଗଠନର ବହୁ ସଂଖ୍ୟକ ଅଂଶ ଗ୍ରହଣକାରୀ ଯୋଗ ଦେଇଥିଲେ। ଇଲେକ୍ଟ୍ରୋନିକ୍ସ ଓ ଯୋଗାଯୋଗ ଇଞ୍ଜିନିୟରିଂଙ୍ଗ, ସାମଗ୍ରୀ ଇଞ୍ଜିନିୟରିଂଙ୍ଗ ଓ ପରିବେଶ ଇଞ୍ଜିନିୟରିଂଙ୍ଗ ପାଇଁ ଏକ ସହଯୋଗୀ ପରିବେଶ ସୃଷ୍ଟି କରିବା ଏହି ଆଲୋଚନା ଚକ୍ରର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସେମାନଙ୍କର ନିଜସ୍ୱ ବକ୍ତବ୍ୟ ରଖିଥିଲେ। ଏହି ସମ୍ମିଳନୀରେ ୬୦ ଜଣ ବିଦ୍ୟାର୍ଥୀଙ୍କ ମଧ୍ୟରୁ ୧୮ ଜଣ ରିସର୍ଚ୍ଚ ପେପର ଉପସ୍ଥାପନା ପାଇଁ ମନୋନୀତ ହୋଇଥିଲେ। ସମ୍ମିଳନୀର ଜାତୀୟ ଆଲୋଚନାରେ ମୁଖ୍ୟ ବକ୍ତାଭାବେ ୟୁସି. ପତି, ପ୍ରଫେସର ଜଗବନ୍ଧୁ ପଣ୍ଡା, ଇଞ୍ଜିନିୟର ଏ.କେ ପଣ୍ଡା ପ୍ରମୁଖ କିଇ-ନୋଟ-ସ୍ପିକର ହିସାବରେ ସେମାନଙ୍କୁ ବାର୍ତ୍ତା ପ୍ରଦାନ କରାଯାଇଥିଲା। ପରେ ଇଲେକ୍ଟ୍ରୋନିକ୍ସ ଗ୍ରୁପପାଇଁ ପ୍ରୀତି ମଣ୍ଡଳ, ସାମଗ୍ରୀ ବିଭାଗରେ ପ୍ରିୟାଂଶୁ ମୁଣ୍ଡା, ପରିବେଶ ଗ୍ରୁପ ପାଇଁ ହର୍ଷିତ ଶ୍ରୀବାସ୍ତବଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଆଇଇଆଇର ସଚିବ ଡ. ଅଜିତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।





ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ଯୁବକଙ୍କୁ ହତ୍ୟା ଅଭିଯୋଗ

**ବଡ଼ଗାଁ,୨୪।୫(ଅଶୋକ ଷଡ଼ଙ୍ଗୀ)-** ବଡ଼ଗାଁ ଥାନା ଅନ୍ତର୍ଗତ ଟିମନା ଗାଁ ନିକଟ ଚାଟଲି ପାହାଡ଼ ଉପରେ ଥିବା ଏକ ଡିମିରି ଗଛରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଗୁରୁବାର ଉଦ୍ଧାର କରିଥିଲା। ମୃତ ଯୁବକ ସଦର ଥାନା ଅନ୍ତର୍ଗତ ରେବଡାମାଲ ଗ୍ରାମର ମିଳନ କୁଜୁର(୨୧)। ମିଳନଙ୍କୁ ତାଙ୍କ ପ୍ରେମିକାଙ୍କ ଘର ଲୋକେ ହତ୍ୟାକରି ଗଛରେ ଟାଙ୍ଗି ଦେଇଥିବା ନେଇ ପରିବାର ଲୋକେ ବଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ, ସାଇଣ୍ଟିଫିକ ଟିମ୍ ଘଟଣାର ତଦନ୍ତ କରୁଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ହତ୍ୟା ନା ଆତ୍ମହତ୍ୟା ଜଣାପଡ଼ିବ।

## ବଡ଼ଗାଁରେ ଚନ୍ଦନଯାତ୍ରା ସମାପନ

**ବଡ଼ଗାଁ,୨୪।୫(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ଚନ୍ଦନଯାତ୍ରା ସମାପନ ହୋଇଯାଇଛି। ଗତ୧୮ ତାରିଖ ଏକାଦଶୀଠାରୁ ୨୩ତାରିଖ ପୂର୍ଣ୍ଣିମା ପର୍ଯ୍ୟନ୍ତ ଯାତ୍ରା ଚାଲିଥିଲା। ଗ୍ରାମବାସୀ ରାଧାକୃଷ୍ଣଙ୍କୁ ନଗର ପରିକ୍ରମା କରାଇ ବଦ୍ରି ବିଶାଳ ପୋଖରୀରେ ଜଳକ୍ରୀଡ଼ା କରାଇଥିଲେ। ଏହା ସହ ଦେବମଣ୍ଡପଠାରେ ରାଧାକୃଷ୍ଣଙ୍କ ଭଜନ ଓ କୀର୍ତ୍ତନ କରାଯାଇଥିଲା। ଦିବ୍ୟଲୋଚନ ମିଶ୍ର ପୂଜା କାର୍ଯ୍ୟ ତୁଲାଇଥିଲେ। ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ଦିଲୀପ ପୁରୋହିତ, ସାଲେଗ୍ରାମ ଅଗ୍ରୱାଲ, ମୁନା ପଣ୍ଡା, ବିଶ ପୃଷେଟ, ରାହୁଲ ସା, ସାଧୀନ ପୃଷେଟ, ଟୁନୁ ପାଣିଗ୍ରାହୀ, ଚନ୍ଦନ ମିର୍ଶ୍ରଙ୍କ ସହିତ ଯୁବକମାନେ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।

## ସନ୍ଥକବି ଭୀମ ଭୋଇ ଜୟନ୍ତୀ ପାଳିତ

**ରାଉରକେଲା,୨୪।୫(ଦିନେଶ ମିଶ୍ର)**





ଛେଣ୍ଡ ସ୍ଥିତ ମଧୁସୂଦନ ପାଠାଗାର ପରିସରରେ ରାଉରକେଲା ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ, ମଧୁସୂଦନ ପାଠାଗାର ମିଳିତ ଆନୁକୂଲ୍ୟରେ ସନ୍ଥ ସାହିତ୍ୟିକ ଭୀମ ଭୋଇଙ୍କ ଜୟନ୍ତୀ ସଭାପତି ସ୍ୱରୂପ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଇଞ୍ଜିନିୟର ଅଭୟ କୁମାର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ସନ୍ଥକବି ଭୀମ ଭୋଇଙ୍କ ସ୍ମୃତି ଓ ସାହିତ୍ୟ ପ୍ରତି ଅବଦାନ ଉପରେ ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ନୃସିଂହ ଚରଣ ବିଶ୍ୱାଳ ଉପସ୍ଥିତ ଥିଲେ। ମଧୁସୂଦନ ପାଠାଗାରର ସାଧାରଣ ସମ୍ପାଦକ ବିଜୟ କୁମାର ବରାଳ ଅତିଥି ଭାବେ ଯୋଗଦେଇଥିଲେ। ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦର ଉପସଭାପତି ଡ. କିଶୋରୀ ଦାଶ ଭୀମ ଭୋଇଙ୍କୁ ଦାର୍ଶନିକ କାଲମାର୍କଙ୍କ ସହ ତୁଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରବୀର କୁମାର ମିଶ୍ର, ପ୍ରତାପ ମେହେର, ଅଶୋକ ଭଇଁଷା, ଏରିୟର ଜାଲ, ସୂର୍ଯ୍ୟନାରାୟଣ ପଣ୍ଡା, ଡ. ଅଜୟ କୁମାର ମିଶ୍ର, ପୀତବାସ ପ୍ରଧାନ, ଶ୍ରୀକାନ୍ତ ପଢଙ୍ଗୀ ପ୍ରମୁଖ ପରିଚାଳନା କରିଥିଲେ। ଉତ୍ସବରେ ପଶୁପତି ନାଥ ଚାଟାର୍ଜୀ, ବଜେନ୍ଦ୍ର ଦାଶ, ଉପେନ୍ଦ୍ର ବସ୍ତିଆ, ଦେବେଶ ପୁରୋହିତ, ଦୁର୍ଗାଶଙ୍କର ଜୋଷୀ, ଗୌରୀ ପ୍ରଧାନ, କୁନ୍ତଳା ସାହୁ, ସଂଯୁକ୍ତା କର, ଶ୍ରୀପତି ତ୍ରିପାଠୀ, ଗୌରୀ ପ୍ରଧାନ, ଉମେଶ ବେହେରା, ଡ. ସୁବୋଧ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ସୂର୍ଯ୍ୟ ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସାଧାରଣ ସମ୍ପାଦକ ପ୍ରକାଶ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## କବାଡ଼ିବାଲାଙ୍କ କବ୍‌ଜାରେ ବିଦ୍ୟାଳୟ ପରିସର

**ରାଉରକେଲା,୨୪।୫(ଦିନେଶ ମିଶ୍ର)**



ରାଜ୍ୟର ସମସ୍ତ ବିଦ୍ୟାଳୟକୁ ରୂପାନ୍ତିକରଣ କରାଯାଇଥିବା ବେଳେ ସ୍ମାର୍ଟସିଟି ରାଉରକେଲାରେ ଏଭଳି ଏକ ବିଦ୍ୟାଳୟ ରହିଛି ଯାହା ବର୍ତ୍ତମାନ କବାଡି ବ୍ୟବସାୟୀଙ୍କ କବଜାରେ ରହିଛି। ପାୱାର ହାଉସ୍ ରୋଡ ସ୍ଥିତ ଶାରଳା ବିଦ୍ୟାପୀଠରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟଟି ୧୯୮୫ରେ ନିର୍ମାଣ କରାଯାଇଥିଲା। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପାଠପଢୁ ଥିଲେ। କରୋନା ମହାମାରୀ ସମୟରେ ବିଦ୍ୟାଳୟଟି ବନ୍ଦ ହୋଇଗଲା। ପରେ ଏହି ବିଦ୍ୟାଳୟକୁ ଛାତ୍ରୀଛାତ୍ର ନ ଆସିବାରୁ ଏହାକୁ ଶିକ୍ଷା ବିଭାଗ ପକ୍ଷରୁ ତାଲା ପକାଇ ଦିଆଗଲା। ବିଦ୍ୟାଳୟ ପଡିଆକୁ କବାଡି ବ୍ୟବସାୟୀ ଓ ସ୍ଥାନୀୟ ଲୋକେ କବ୍‌ଜା କରିବାକୁ ଲାଗିଲେ। ସ୍ଥାନୀୟ ଲୋକେ ଏହି ବିଦ୍ୟାଳୟ ବାରଣ୍ଡାରେ ନିଜର ବ୍ୟବହୃତ କପଡା, କୋଇଲା ଭର୍ତ୍ତି ଅଖା, ଘସି ପାରିବା, ପ୍ଲାଷ୍ଟିକ ଜରି ଭଳି ବିଭିନ୍ନ ସାମଗ୍ରୀ ରଖି ଏହାକୁ ଅକ୍ତିଆର କଲେ। ବିଦ୍ୟାଳୟ ଖେଳ ପଡିଆରେ ବାଲି, ଇଟା, ଗୋଡି ସାଙ୍ଗକୁ ଘର ତିଆରି ନିର୍ମାଣ ସାମଗ୍ରୀ ପକାଇ ଏହାର ପରିବେଶକୁ ଦୂଷିତ କଲେ। ଏଭଳି ପରିସ୍ଥିତିରେ ବିଦ୍ୟାଳୟ କାନ୍ଥ ଓ ଘର ଧୀରେ ଧୀରେ ଭାଙ୍ଗିବାରେ ଲାଗିଲା। ବିଦ୍ୟାଳୟଟି ବର୍ଷ ବର୍ଷ ଧରି ବନ୍ଦ ପଡିଥିବାରୁ ପ୍ରତ୍ୟେକ ଦିନ ସନ୍ଧ୍ୟା ହେଲେ ଅସାମାଜିକ ଯୁବକଙ୍କ ଆଡ୍ଡା ଜମୁଛି। ତେବେ ଏହି ବିଦ୍ୟାଳୟକୁ ପୁନଃ ଚାଲୁ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

**ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନେବୁ: ଜିଲା ଶିକ୍ଷାଧିକାରୀ**

ଏନେଇ ସୁନ୍ଦରଗଡ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନଙ୍କୁ ପଚାରିବାରୁ, ବିଦ୍ୟାଳୟର ଏଭଳି ଦୟନୀୟ ପରିସ୍ଥିତିକୁ ନେଇ ଆଜିଯାଏଁ ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ଉକ୍ତ ବିଦ୍ୟାଳୟଟି କ'ଣ ପାଇଁ ବନ୍ଦ ପଡିଛି ଏବଂ ଏହା କିଭଳି ପୂର୍ବପରି ଚାଲୁ ହୋଇପାରିବ ସେନେଇ ତଦନ୍ତ କରିବା ପରେ ଉଚିତ ପଦକ୍ଷେପ ନେବୁ ବୋଲି ପ୍ରଧାନ କହିଥିଲେ।

# ଅବାଧ, ନିରପେକ୍ଷ ଭୋଟ ଗ୍ରହଣକୁ ଗୁରୁତ୍ୱ

**ସମ୍ବଲପୁର ଲୋକ ସଭା କ୍ଷେତ୍ରରେ ମତଦାନ ଆଜି**

■ସମସ୍ତ ବୁଥ୍‌ରେ ପାନୀୟ ଜଳ, ଶୌଚାଳୟ ଓ ର୍ୟାମ୍ପର ବ୍ୟବସ୍ଥା

ସମ୍ବଲପୁର,୨୪।୫(ପ୍ରମୋଦ ବହିଦାର)

ଓଡ଼ିଶାରେ ଶନିବାର ଦେଶର ଷଷ୍ଠ ଓ ରାଜ୍ୟର ତୃତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଏଥରେ ରାଜ୍ୟର ସମ୍ବଲପୁର ସହିତ କଟକ, ପୁରୀ, ନୟାଗଡ଼, ଭୁବନେଶ୍ୱର, ଢେଙ୍କାନାଳ ସଂସଦୀୟ କ୍ଷେତ୍ରର ୪୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭୋଟ ଗ୍ରହଣ କରାଯିବ। ସେଥିମଧ୍ୟରେ ସମ୍ବଲପୁର ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମ୍ବଲପୁର ଜିଲାର ସମ୍ବଲପୁର, ରେଙ୍ଗାଲି, ରେଢ଼ାଖୋଲ, କୁଚିଣ୍ଡା ଆଦି ୪ ବିଧାନସଭା ନିର୍ବାଚନ ମଣ୍ଡଳୀ ସହିତ ଦେଓଗଡ଼ ଓ ଅନୁଗୋଳ ଜିଲାର ଛେଣ୍ଡିପଦା ଏବଂ ଆଠମଲ୍ଲିକ ଆଦି ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଶନିବାର ମତଦାନ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରଶାସନିକସ୍ତରରେ ସମସ୍ତ ପ୍ରସ୍ତୁତି ସମ୍ପନ୍ନ ହୋଇଛି।

ସମ୍ବଲପୁର ଜିଲାରେ ୪ଟି ଯାକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆବାଧ, ନିରପେକ୍ଷ, ଭୟମୁକ୍ତ ବାତାବରଣ ସୃଷ୍ଟି ପାଇଁ ଉଭୟ ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ନେଇ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଉତ୍ତରାଞ୍ଚ ଆଇଜିଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଉଭୟ ଜିଲାପାଳ ତଥା ରିଟର୍ନିଂ ଅଧିକାରୀ ଅକ୍ଷୟ ସୁନୀଲ ଅଗ୍ରୱାଲ ଓ ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ ଯଥାକ୍ରମେ ନିର୍ବାଚନ ପରିଚାଳନାରେ ପ୍ରଶାସନିକ କଟକଣା ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ।

ନିର୍ବାଚନ ପରିଚାଳନା ନେଇ ଜିଲାପାଳ ତଥା ରିଟର୍ନିଂ ଅଧିକାରୀ ଅଗ୍ରୱାଲ ସୂଚନା ଦେଇ କହିଛନ୍ତି ଯେ, ସମ୍ବଲପୁର ଜିଲାରେ ଭୋଟ ଗ୍ରହଣ ପାଇଁ ୯୪୮ଟି ବୁଥ ରହିଛି। ସେଥିମଧ୍ୟରେ ୬୫ଟି ସଖି, ଗୋଟିଏ ଦିବ୍ୟାଙ୍ଗଙ୍କ ପାଇଁ, ୧୭ଟି ଯୁବଗୋଷ୍ଠୀଙ୍କ ଦ୍ୱାରା ପରିଚାଳିତ, ୧୨ଟି ଲେଖାଏ ଇକୋ ଫ୍ରେଣ୍ଡଲି ଓ ଆଥେନିକ ବୁଥ ଓ ୮୨ଟି ଅନ୍ୟାନ୍ୟ ସୁବିଧା ଲବ୍ଧ ବୁଥ୍ ରହିଛି। ସମସ୍ତ ବୁଥକୁ ୧୧୦ଟି ସେକ୍ଟରରେ ବିଭକ୍ତ କରାଯାଇଛି। ଏହାର ତଦାରଖ ପାଇଁ ୧୦ଜଣ ସେକ୍ଟର ଅଧିକାରୀଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ସମସ୍ତ ପୋଲିସ ଅଧିକାରୀ ନିଜ ନିଜ ବୁଥ୍‌ରେ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ପହଞ୍ଚି ସାରିଛନ୍ତି। ଜିଲାର ୪ଟି ଯାକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ରହିଥିବା ମତଦାନ କେନ୍ଦ୍ର ଗୁଡ଼ିକରେ ପାନୀୟ ଜଳ, ଶୌଚାଳୟ, ର୍ୟାମ୍ପ, ହୁଇଲ୍ ଚେୟାର, ଛାଇ ଆଦି ସର୍ବନିମ୍ନ ସୁବିଧା ଉପଲବ୍ଧ ପ୍ରତି ବିଶେଷ ଧ୍ୟାନ ଦିଆଯାଇଛି। ସେକ୍ଟର ଅଧିକାରୀମାନେ ନିୟମିତ ଭାବେ ବୁଥ୍‌ଗୁଡ଼ିକୁ ପରିଦର୍ଶନ କରି ଏଠାରେ ଉପଲବ୍ଧ ସୁବିଧାକୁ ତଦାରଖ କରିବା ସହ ସମସ୍ୟା ସମ୍ପର୍କରେ ମଧ୍ୟ ତୁରନ୍ତ ଜିଲା ପ୍ରଶାସନଙ୍କୁ ଅବଗତ କରୁଛନ୍ତି ବୋଲି କହିଛନ୍ତି ଜିଲାପାଳ ଅଗ୍ରୱାଲ। ଭୋଟ ଗ୍ରହଣକୁ ସୁରୁଖୁରରେ ପରିଚାଳନା ପାଇଁ ହୋଇଥିବା ବ୍ୟବସ୍ଥାର ତଦାରଖ ପାଇଁ ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଡିଓ, ଏବିଡିଓ, ତହସିଲଦାର, ଅତିରିକ୍ତ ତହସିଲଦାରଙ୍କମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସମୟରେ କୌଣସି ସମସ୍ୟା ନଜରକୁ ଆସିଲେ ତୁରନ୍ତ ନିର୍ବାଚନ ଅଧିକାରୀଙ୍କୁ ଜଣାଇବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜିଲାର ୫୬୮ଟି ବୁଥରେ ୱେବକାଷ୍ଟିଂ ବ୍ୟବସ୍ଥା କରାଯାଇଛି। ଏହାବ୍ୟତୀତ ଭୋଟ ଗ୍ରହଣରେ ଅନିୟମିତତା ରୋକିବା ପାଇଁ ୱେବକାଷ୍ଟିଂର ସୁବିଧା ଓ ଏହି ସୁବିଧା ନ ଥିବା ବୁଥରେ ଭିଡିଓଗ୍ରାଫି ସହିତ ନିର୍ବାଚନ ପରିଚାଳନା ଉପରେ ନଜର ରଖିବାକୁ ମାଇକ୍ରୋ ଅବିଜର୍ଭରମାନଙ୍କୁ ନିୟୋଜିତ କରାଯାଇଛି ବୋଲି ସେ କହିଥିଲେ। ଏହି ଅବସରରେ ଜିଲାପାଳ ଅଗ୍ରୱାଲ ଅଧିକରୁ ଅଧିକ ସଂଖ୍ୟାରେ ଭୋଟ ଦେବାକୁ ସମ୍ବଲପୁର ବାସୀଙ୍କୁ ନିବେଦନ କରିଥିଲେ। ଖବରଦାତା ସମ୍ମିଳନୀରେ ସମ୍ବଲପୁରରେ ଅବସ୍ଥାପିତ ଉଭୟ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଶ୍ରୀକାନ୍ତ ପୃଷ୍ଟି ଓ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଉପସ୍ଥିତ ଥିଲେ।

## ଆଇନଶୃଙ୍ଖଳା ପାଇଁ ମୁତୟନ ହେବେ ୨୮୦୦ ସୁରକ୍ଷା କର୍ମୀ


ଖବରଦାତା ସମ୍ମିଳନୀରେ ନିର୍ବାଚନୀ ପ୍ରସ୍ତୁତି ନେଇ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଓ ଉତ୍ତରାଞ୍ଚଳ ଆଇଜିଙ୍କ ଉପସ୍ଥିତିରେ ଜିଲାପାଳ ତଥା ରିଟର୍ନିଂ ଅଧିକାରୀ ଓ ଆରକ୍ଷୀ ଅଧୀକ୍ଷକ ସୂଚନା ଦେଉଛନ୍ତି।

ଶନିବାର ସମ୍ବଲପୁର ଜିଲାର ୪ଟି ବିଧାନସଭା କ୍ଷେତ୍ରରେ ଆରମ୍ଭ ହେବ ଭୋଟ ଗ୍ରହଣ ପ୍ରକ୍ରିୟା। ନିର୍ବାଚନ ସମୟରେ ଯେକୌଣସି ଆଇନ ଶୃଙ୍ଖଳା ପରିସ୍ଥିତିର ମୁକାବିଲା ପାଇଁ ପୋଲସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଆଇଜିଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ। ସେ କହିଛନ୍ତି ଯେ, ଗୁରବାର ସନ୍ଧ୍ୟାରୁ ନିର୍ବାଚନୀ ପ୍ରଚାର କାର୍ଯ୍ୟ ଶେଷ ହେବା ପରଠାରୁ ସମଗ୍ର ସମ୍ବଲପୁର ଜିଲାରେ ଧାରା ୧୪୪ ଲାଗୁ କରାଯାଇଛି। ଯାହା ମେ ୨୬ ରାତି ୧୨ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ସମୟରେ କୌଣସି ସ୍ଥାନରେ ୫ ଜଣରୁ ଅଧିକ ବ୍ୟକ୍ତିଙ୍କ ଏକାଠି ହେବା ଉପରେ କଟକଣା ଜାରି କରାଯାଇଛି। ସେହିପରି ସମ୍ବଲପୁର ଜିଲାରେ ଥିବା ମୋଟ ୯୪୮ଟି ବୁଥ ମଧ୍ୟରୁ ୧୭୦ଟି ସ୍ଥାନରେ ଥିବା ପ୍ରାୟ ୨୯୦ଟି ବୁଥକୁ ସମ୍ବେଦନଶୀଳ ବୁଥ ଭାବେ ଚିହ୍ନଟ କରାଯାଇଛି। ଏହି ବୁଥ ଗୁଡ଼ିକ ଉପରେ ପୋଲସ ତୀକ୍ଷ୍ଣ ନଜର ରଖିଛି। ଘନଘର ପୋଲିସ ପାଟ୍ରୋଲିଂ ଆରମ୍ଭ ହୋଇଛି। ଗତ ଏକ ସପ୍ତାହ ହେଲା ବେଆଇନ ନିଶାଦ୍ରବ୍ୟ ବିକ୍ରୟ ଚାଲାଣକୁ ରୋକିବା ପାଇଁ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ ଜାରି ରହିଛି। ଏହାବ୍ୟତୀତ ନିୟମିତ ଭାବେ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ ମଧ୍ୟ ଜାରି ରହିଛି ବୋଲି ଆରକ୍ଷୀ ଅଧିକ୍ଷକ ଭାମୁ କହିଛନ୍ତି। ବିଶେଷକରି ସମ୍ବଲପୁର ଜିଲାରେ ଥିବା ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ନିର୍ବାଚନୀ ହିଂସାକୁ ରୋକିବା ସହିତ ଯେକୌଣସି ଆଇନ ଶୃଙ୍ଖଳା ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲା ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ନିର୍ବାଚନ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସମଗ୍ର ଜିଲାରେ ମୋଟ ୨୮୦୦ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ସେଥିମଧ୍ୟରେ ୧୨ କମ୍ପାନୀ ସିଆର୍‌ପିଏଫ୍ ଯବାନ, ୧୫ ପ୍ଲାଟୁନ୍ ପୋଲିସ ସୁରକ୍ଷା କର୍ମୀ, ଛତିଶଗଡ଼ରୁ ପାଖାପାଖି ୫ଶହ ପୋଲିସ ସୁରକ୍ଷା କର୍ମୀ ଅନ୍ତର୍ଭୁକ୍ତ। ଜିଲାର ସୀମାରେ ତଦାରଖ ପ୍ରକ୍ରିୟାକୁ ଜୋରଦାର କରାଯାଇଛି। ଏଥିପାଇଁ ସମଗ୍ର ଜିଲାରେ ୧୭ଟି ପୋଲିସ ଚେକପୋଷ୍ଟ ସ୍ଥାପନ କରାଯାଇଥିବା ବେଳେ ୬୫ଟି ପୋଲିସ ମୋବାଇଲ ଟିମ୍‌କୁ ନିୟୋଜିତ କରାଯାଇଛି ବୋଲି ସୂଚନା ଦେଇଛନ୍ତି ଆରକ୍ଷୀ ଅଧିକ୍ଷକ ଭାମୁ। ସେ ସୂଚନା ଦେଇ କହିଛନ୍ତି ଯେ, ଜିଲାର ବିଭିନ୍ନ ସ୍ଥାନରେ ଥିବା ବିଶୃଙ୍ଖଳାକାରୀଙ୍କ ଉପରେ ମଧ୍ୟ ପୋଲିସ କଡ଼ା ନଜର ରଖିଛି। ସେମାନଙ୍କୁ ଚିହ୍ନଟ ମଧ୍ୟ କରାଯାଇଛି। ତେବେ ସେମାନଙ୍କୁ ୧୦୭ ଧାରା ଅନୁଯାୟୀ ବିଶୃଙ୍ଖଳା ଆଚରଣ ନ କରିବାକୁ ଚେତାବନୀ ବଣ୍ଡ ସ୍ୱାକ୍ଷର କରାଯାଇଛି ବୋଲି ସେ କହିଥିଲେ। ଅପରପକ୍ଷରେ ପ୍ରଚାର ଶେଷ ହେବା ପରେ ନିଜ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବାକୁ ସମ୍ବଲପୁର ଆସିଥିବା ସମସ୍ତ ସମର୍ଥକ, କର୍ମୀ ଓ କର୍ମକର୍ତ୍ତାମାନଙ୍କୁ ସମ୍ବଲପୁର ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏପରିକି ଏହାକୁ ନିଶ୍ଚିତ କରିବା ପାଇଁ ବିଭିନ୍ନ ହୋଟେଲ ଓ ଲଜ ଇତ୍ୟାଦିରେ ତଦାରଖ ପ୍ରକ୍ରିୟା ଜାରି ରହିଛି ବୋଲି ଭାମୁ କହିଥିଲେ।

ଏହି ଅବସରରେ ଆରକ୍ଷୀ ଅଧିକ୍ଷକ ନିର୍ବାଚନ ସମୟରରେ ଜିଲାରେ ଶାନ୍ତି ଶୃଙ୍ଖଳା ବଜାୟାର ରଖିବାକୁ ଜିଲାବାସୀଙ୍କୁ ନିବେଦନ କରିବା ସହ କୌଣସି ପରିସ୍ଥିତିରେ ମଧ୍ୟ ଆଇନ ହାତକ ନ ନେବାକୁ ଚେତାବନୀ ଦେଇଛନ୍ତି। ଯେକୌଣସି ବିଶୃଙ୍ଖଳା ବା ହିଂସାତ୍ମକ କାର୍ଯ୍ୟକଳାପ ସମ୍ପର୍କରେ ଖବର ପାଇବାର ମାତ୍ର ୫ରୁ ୧୦ ମିନିଟ ମଧ୍ୟ ପୋଲିସ ବାହିନୀ ଘଟଣାସ୍ଥଳରେ ପହଞ୍ଚିବାର ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି।

## ବୁଥ୍‌କୁ ଗଲେ ପୋଲିଂ କର୍ମଚାରୀ


ରେଢାଖୋଲରେ ବୁଥ୍ ଅଭିମୁଖେ ପୋଲିଂ ପାର୍ଟି ଯାଉଛନ୍ତି।

ରେଢାଖୋଲ,୨୪।୫(ଅଚ୍ୟୁତାନନ୍ଦ ପୁରୋହିତ)

**ରେଢ଼ାଖୋଲ ବିଧାନ ସଭା ନିର୍ବାଚନ ମଣ୍ଡଳୀ**

■୨୫୨ବୁଥ୍‌ରେ ମତଦାନ କରିବେ ୨ଲକ୍ଷ ୨ହଜାର ୩୪୩ ଭୋଟର

ସମ୍ବଲପୁର ଜିଲା ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ ମେ ୨୫ ଶନିବାର ଭୋଟ ଗ୍ରହଣ ହେବ। ସମୁଦାୟ ୨ଲକ୍ଷ ୨ହଜାର ୩୪୩ ଭୋଟର ୨୫୨ଟି ବୁଥ୍‌ରେ ମତଦାନ କରିବେ। ୧୦୧୪୬୪ ପୁରୁଷ ଭୋଟର ରହିଥିବା ବେଳେ ୧୦୦୮୬୩ ମହିଳା ଏବଂ ୧୬ ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି। ସେହିପରି ଯୁବ ଭୋଟର ୫୪୬୭, ଭିନ୍ନକ୍ଷମ ଭୋଟର ୫୩୨୯ ଜଣ ଅଛନ୍ତି। ୨୫୨ ବୁଥ୍‌ରୁ ୫୦ଟି ମଡେଲ ବୁଥ୍ ରହିଛି। ସେଥିମଧ୍ୟରୁ ସଖି ବୁଥ ୧୫ଟି, ଯୁବ ଅଧିକାରୀ ମାନଙ୍କ ଦ୍ୱାରା ପରିଚାଳିତ ବୁଥ ୪, ଭିନ୍ନକ୍ଷମ ଅଧିକାରୀମାନଙ୍କ ଦ୍ୱାରା ପରିଚାଳିତ ବୁଥ୍ ୧, ପରିବେଶ ଅନୁକୂଳ ବୁଥ୍ ୩, ଏଥିନିକ ଥିମ ବେଶ ବୁଥ ୨ଟି ସହ ଅନ୍ୟ ଗୁଡିକ ଥିମ ବେଶ ବୁଥ ରହିଛି। ସେହିପରି ୧୮ ଗୋଟି ସମ୍ବେଦନଶୀଳ ବୁଥ୍ ରହିଛି। ନିର୍ବାଚନକୁ ନିରପେକ୍ଷ ଓ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରିବା ଉପରେ ପ୍ରଶାସନ ଗୁରୁତ୍ୱାରୋପ କରିଛି। ସେହିପରି ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା ପାଇଁ ପ୍ରଶାସନ ପକ୍ଷରୁ ସମଗ୍ର ନିର୍ବାଚନ ମଣ୍ଡଳୀରେ ୧୪୪ ଧାରା ଲାଗୁ କରାଯାଇଛି। ପୋଲିସ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ସହରରେ ଫ୍ଲାଗମାର୍ଚ୍ଚ କରାଯାଇଛି। ସମଗ୍ର ନିର୍ବାଚନ ମଣ୍ଡଳୀରେ ୭୫୦ ଜଣ ପୋଲିସ ନିଯୁକ୍ତ କରାଯାଇଛି। ଜଣେ ଅତିରିକ୍ତ ଏସପି,୩ଜଣ ଡିଏସପି,୧୨ଟି ଫ୍ଲାଇଂସ୍କ୍ୱାଡ ଓ ୨୧ଟି ପାଟ୍ରୋଲିଂ ଟିମ ସହ ୨ପ୍ଲାଟୁନ ସିଆରପିଏଫ ନିଯୁକ୍ତ କରାଯାଇଥିବା ଏସଡିପିଓ ପ୍ରଶାନ୍ତ କୁମାର ମେହେର ସୂଚନା ଦେଇଛନ୍ତି। ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ଉପରେ ରେଢ଼ାଖୋଲ ଉପଜିଲାପାଳ ତଥା ରିଟର୍ନିଂ ଅଫିସର ରଶ୍ମିରଞ୍ଜନ ମହାନ୍ତ ଗୁରୁତ୍ୱାରୋପ କରିଛନ୍ତି। ସକାଳ ୭ଟାରୁ ଅପରାହ୍ନ ୪ଘଟିକା ମଧ୍ୟରେ ମତଦାନ ହେବ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଭୀମଭୋଇ ମହାବିଦ୍ୟାଳୟଠାରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ପ୍ରତ୍ୟେକ ବୁଥ ପାଇଁ ପ୍ରିଜାଇଡିଂ ଅଫିସର, ପୋଲିଂ ଅଫିସର ଏବଂ ସହକର୍ମୀଙ୍କୁ ପଠେଇବା ପାଇଁ ଆବଶ୍ୟକ ସଂଖ୍ୟକ କାଉଣ୍ଟର ଖୋଲାଯାଇଥିଲା। ପ୍ରିଜାଇଡିଂ ଅଫିସରମାନେ ଟିମ୍ ସଦସ୍ୟଙ୍କ ସହିତ ପଞ୍ଜିକରଣ କାଉଣ୍ଟରରେ ପଞ୍ଜିକରଣ କରି ଆଇକାର୍ଡ, ଇଭିଏମ ଏବଂ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ସଂଗ୍ରହ କରି ନିଜ ବୁଥ୍‌ରେ ସନ୍ଧ୍ୟା ସୁଦ୍ଧା ପହଞ୍ଚି ଥିବା ଜଣାପଡିଛି। ଚଳିତ ନିର୍ବାଚନରେ ରେଢ଼ାଖୋଲ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୭ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

## ଭିଏସ୍‌ଏସ୍ ଡିଫେନ୍ସ ଟ୍ରେନିଂ ଏକାଡେମୀର ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧନା



ପାଇକମାଳ,୨୪।୫(ବଡ ଶତପଥୀ)

ବରଗଡ଼ ଜିଲା ପାଇକମାଳ ଶ୍ରୀଶ୍ରୀ ନୃସିଂହନାଥ ଜନ୍ମୋତ୍ସବ ବୈଶାଖ ମେଳାରେ ପୂର୍ଣ୍ଣସହଯୋଗ କରିଥିବା ଭିଏସଏସ ଡିଫେନ୍ସ ଟ୍ରେନିଂ ଏକାଡେମିର ସ୍ୱେଚ୍ଛାସେବୀଙ୍କୁ ମନ୍ଦିର ପକ୍ଷରୁ ଶୁକ୍ରବାର ସମ୍ବର୍ଦ୍ଧନା ଦିଆଯାଇଛି। ବୈଶାଖ ମେଳା ୫ ଦିନ ଧରି ଅନୁଷ୍ଠିତ ଶାନ୍ତିଶୃଙ୍ଖଳା ପାଇଁ ଏମାନେ ମେଳା ପରିସର ସେବା ଯୋଗାଇଥିଲେ। ବିର ସୁରେନ୍ଦ୍ର ସାଏ ଭିଏସଏସ ଟ୍ରେନିଂ ଏକାଡେମି ପକ୍ଷରୁ ମୁଖ୍ୟ ପରିଚାଳକ ବିଜୟ ନାୟକଙ୍କ ନେତୃତ୍ୱରେ ୫୭ଜଣ ସେବା କର୍ମୀ ମନ୍ଦିରରେ ସହଯୋଗ କରିଥିବାରୁ ମନ୍ଦିର ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା କରାଯାଇଥିଲା। ସମ୍ବର୍ଦ୍ଧନା ସଭା ମନ୍ଦିର କାର୍ଯ୍ୟନିର୍ବାହ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ପଦ୍ମପୁର ଉପଖଣ୍ଡ ସାମ୍ବାଦିକ ସଂଘ ସଭାପତି ବଡ ଶତପଥୀ, ସାମ୍ବାଦିକ ସରଥ ସାହୁ, ଭିଏସଏସ ଡିଫେନ୍ସ ଟ୍ରେନିଂର ମୁଖ୍ୟ ବିଜୟ ନାୟକ, ମନ୍ଦିର ସେବାୟତ ଜେକି ସରାଫ, ଡିଗ୍ରୀଧର ସାହୁଙ୍କ ଉପସ୍ଥିତରେ ୫୦ଜଣ ସେବା କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଭୀମ ଭୋଇ ସାହିତ୍ୟ ସଂସଦର ପ୍ରତିଷ୍ଠା ଉତ୍ସବ

ସମ୍ବଲପୁର,୨୪।୫(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ବୁଢାରଜା ଭୀମଭୋଇ ନଗରସ୍ଥିତ ଭୀମ ଭୋଇ ସାହିତ୍ୟ ସଂସଦର ୨୪ ତମ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନୌବିହାରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସଂସଦର ବରିଷ୍ଠ ସଦସ୍ୟ ଡ. ସହଦେବ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନ ସମ୍ପାଦକ ସରାଜ କୁମାର ପଟନାୟକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥିଭାବେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ.ନାଗରାଜ, ସମ୍ମାନୀତ ଅତିଥି ଭାବେ ଭୀମଭୋଇ ଗବେଷଣା କେନ୍ଦ୍ର ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ଯୋଗଦେଇଥିଲେ। ମୁଖ୍ୟବକ୍ତା ପ୍ରଫେସର ରମେଶ ଚନ୍ଦ୍ର ମିର୍ଦ୍ଧା ମହିମା ଧର୍ମର ମହତ୍ତ୍ୱ ଏବଂ ଭୀମଭୋଇ ସାହିତ୍ୟ ସଂସଦରେ ନିହିତ ଥିବା ମହିମା ଦର୍ଶନର ବିଭିନ୍ନ ଦିଗକୁ ବିଶ୍ଳେଷଣ କରିଥିଲେ। ଏହି ଅବସରରେ ଦୃଷ୍ଟି ବାଧିତ ଅଧ୍ୟାପିକା ସୁଭସ୍ମିତା ମହାପାତ୍ର ମୁଖ୍ୟଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ସଂସଦର ସହ ସମ୍ପାଦକ ସଞ୍ଜୟ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।


**ଆଜି ଭୋଟ ଗ୍ରହଣ:** ଶୁକ୍ରବାର ସମ୍ବଲପୁରରେ ଅଧିକାରୀ ଓ କର୍ମଚାରୀମାନେ ନିର୍ବାଚନ ପରିଚାଳନା କରିବାକୁ ଯାଉଛନ୍ତି।

## ମତଦାନ କେନ୍ଦ୍ରରେ ପହଞ୍ଚିଲେ ପୋଲିଂ ପାର୍ଟି

ଦେବଗଡ଼,୨୪।୫(ଶଶାଙ୍କ ଶେଖର ଝାଙ୍କର)



୨୫ ତାରିଖ ତଥା ଶନିବାର ଦେବଗଡ଼ ଜିଲାରେ ଭୋଟ ଗ୍ରହଣ ଅନୁଷ୍ଠିତ ହେବ। ଏଥିପାଇଁ ପୋଲିଂ ପାର୍ଟିମାନେ ବୁଥ୍‌ମୁହାଁ ହୋଇଛନ୍ତି। ଦେବଗଡ଼ ଜିଲାର ୩୩୮ ମତଦାନ କେନ୍ଦ୍ର (ବୁଥ) ହୋଇଛି। ସେ ସବୁ ବୁଥକୁପ୍ରିଜାଡିଂ ଅଧିକାରୀ, ପୋଲିଂ ଅଧିକାରୀ ଓ ପୋଲିସ କର୍ମଚାରୀ ପଠାଯାଇଛି। ଏଥିପାଇଁ ଦେବଗଡ଼ ପଲିଟେକନିକଠାରେ ସତନ୍ତ୍ର ବ୍ୟବସ୍ଥା ହୋଇଥିଲା। ପ୍ରତ୍ୟେକ ବୁଥ ପାଇଁ ପ୍ରିଜାଡିଂ ଅଧିକାରୀ, ପୋଲିଂ ଅଧିକାରୀ ଏବଂ ପୋଲିସ କର୍ମଚାରୀ ପଠାଇବା ପାଇଁ ଆବଶ୍ୟକ ସଂଖ୍ୟକ କାଉଣ୍ଟର ଖୋଲାଯାଇଥିଲା। ସୂଚନା କେନ୍ଦ୍ର (ହେଲ୍ପ ଡେସ୍କ), ଡିସପୋଜାଲ କାଉଣ୍ଟର, ରେଜିଷ୍ଟ୍ରେସନ କାଉଣ୍ଟର, ମେଟେରିଆଲ ରିସିଭିଂ କାଉଣ୍ଟର ଏବଂ ପୋଲିସ ଟ୍ୟାଗିଂ କାଉଣ୍ଟର ଖୋଲାଯାଇଥିଲା। ବୁଥକୁ ଯାଉଥିବା ପ୍ରିଜାଡିଂ ଅଫିସର ଓଇଭିସିଏ ଆପ ବାବଦରେ ତଥ୍ୟ ଦିଆଯାଇଥିଲା। ପ୍ରିଜାଡିଂ ଅଧିକାରୀମାନେ ନିଜ ଟିମର ସମସ୍ତ ସଭ୍ୟଙ୍କ ସହ ରେଜିଷ୍ଟ୍ରେଶନ କାଉଣ୍ଟରରେ ରେଜିଷ୍ଟ୍ରେଶନ କରି ଆଇକାର୍ଡ, ଇଭିଏମ, କ୍ୟାସ ଏବଂ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ସଂଗ୍ରହ କରି ନିୟୋଜିତ ହୋଇଥିବା ଯାନରେ ନିଜ ବୁଥ ଗମନ କରିଥିଲେ। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସୋମେଶ କୁମାର ଉପାଧ୍ୟାୟଙ୍କ ତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା। କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ଅନୁପମା ଜେମସ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହେମନ୍ତ କୁମାର ପଣ୍ଡା, ଉପଜିଲାପାଳ ତଥା ରିଟର୍ନିଂ ଅଫିସର ପରକ୍ଷିତ ସାହୁ, ଡେପୁଟି କଲେକ୍ଟର ଇଲେକ୍ସନ ଏଜେଲିନ ବାରା, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁର, ମମତାଜ ମହାରଣା, ସହକାରୀ ଜିଲାପାଳ ହେମନ୍ତ ସିଂ, ଈଶର ଗୁରୁ, ତାପସ କୁମାର ମହାନ୍ତ, ରାଜୀବ ଲୋଚନ ନାଏକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ସମସ୍ତ ଜିଲାସ୍ତରୀୟ ଅଧିକାରୀ ଓ ପୋଲିସ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସନ୍ଥକବିଙ୍କ ବାଣୀ ସମଗ୍ର ବିଶ୍ୱକୁ ବୁଦ୍ଧିମନ୍ତ କରିଛି

ରେଢାଖୋଲ,୨୩।୫(ଅଚ୍ୟୁତାନନ୍ଦ ପୁରୋହିତ)

ସନ୍ଥକବି ଭୀମ ଭୋଇଙ୍କ ବାଣୀ ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ସମଗ୍ର ବିଶ୍ୱକୁ ବୁଦ୍ଧିମନ୍ତ କରିଛି। ବୋଲି ରେଢାଖୋଲ କଦମ୍ବ ପଡିଆସ୍ଥିତ ଭୀମଭୋଇ କଳାମଣ୍ଡପଠାରେ ଅନୁଷ୍ଠିତ ଜୟନ୍ତୀ ସଭାରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ରେଢାଖୋଲର ଅଗ୍ରଣୀ ଅନୁଷ୍ଠାନ ପଞ୍ଚଖଣ୍ଡା କଳା ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଜୟନ୍ତୀ ସଭାରେ ଅବସରପ୍ରାପ୍ତ ଶିକ୍ଷକ ଭୀମସେନ ବେହେରା ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ଅଧ୍ୟାପକ ଶ୍ରୀକାନ୍ତ ସାମନ୍ତ, ମହିମାଧର୍ମୀ ସାଧୁ ଆନନ୍ଦବାବା ଓ ମୁଖ୍ୟବକ୍ତାଭାବେ ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର ଯୋଗଦେଇ ସନ୍ଥକବିଙ୍କ ଜୀବନି ଓ କାବ୍ୟ କବିତା ସହ ସମାଜ ସଂସ୍କାର ଉପରେ ବକ୍ତବ୍ୟ ଦେଇଥିଲେ। ପଞ୍ଚଖଣ୍ଡା କଳା ପରିଷଦ ସଭାପତି



ଭୀମ ଭୋଇଙ୍କ ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି।

**ରେଢ଼ାଖୋଲରେ ଭୀମ ଭୋଇ ଜୟନ୍ତୀ ପାଳିତ**

ମହାବୀର ସିଂଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ସଭାକୁ ରଞ୍ଜିତ ଦେହୁରୀ ପରିଚାଳନା କରିଥିଲେ। ସଭାରେ ସହରର ବହୁ ବୁଦ୍ଧିଜୀବୀ, ମହିମାଧର୍ମୀ ଅନୁଗାମୀ ଓ ସାଧୁସନ୍ଥ ଯୋଗଦେଇଥିଲେ। ପ୍ରାରମ୍ଭରେ ବସ୍‌ଷ୍ଟାଣ୍ଡରେ ଥିବା ସନ୍ଥକବିଙ୍କ ପ୍ରତିମୂର୍ତ୍ତିରେ ସାଧୁସନ୍ଥମାନେପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପଞ୍ଚଖଣ୍ଡା କଳାପରିଷଦ ଲିପୁନ ଖିଲାରୀ, ବାସୁଦେବ ପୃଷେଠ, ସୁଶାନ୍ତ ପ୍ରଧାନ, ଦେବାନନ୍ଦ ପ୍ରଧାନ, ଅଚ୍ୟୁତାନନ୍ଦ ପୁରୋହିତ ସହଯୋଗ କରିଥିଲେ। ସେହିପରି କନ୍ଦରାସ୍ଥିତ ସନ୍ଥକବି ଭୀମଭୋଇଙ୍କ ସ୍ମୃତିପୀଠାରେ ଭୀମ ଭୋଇ ଏକାଡେମୀ ଆନୁକୂଲ୍ୟରେ ଅନୁଷ୍ଠିତ ଜୟନ୍ତୀ ସଭାରେ ମୁରଲୀ ସେଠ ସଭାପତିତ୍ୱ କରିଥିଲେ। ଅତିଥିଭାବେ ଡ.ଦିପେନ ପଟ୍ଟନାୟକ, କବି ସନ୍ତୋଷ ରଥ ଓ ରାଧାକାନ୍ତ ସେଠ ଯୋଗଦେଇ ଭୀମ ଭୋଇଙ୍କ ସ୍ମୃତିଚାରଣ କରିଥିଲେ। ପ୍ରାପ୍ତିପୀଠ ମଧୁପୁର ଗ୍ରାମରେ ମଧ୍ୟ ମହିମାଧର୍ମୀଙ୍କ ଦ୍ୱାରା ଜୟନ୍ତୀ ପାଳନ କରାଯାଇଥିଲା।

## ସଂକ୍ଷେପରେ

### ବୁର୍ଡାରେ ଷୋହଳ ପ୍ରହର ନାମଯଜ୍ଞ ସମ୍ପନ୍ନ

ଲୋଇସିଂହା,୨୪।୫(ସୁଶାନ୍ତ ବାରିକ)

ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ଉପଲକ୍ଷେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡାରେ ଚାଲିଥିବା ଷୋହଳ ପ୍ରହର ନାମଯଜ୍ଞ ଓ ବିଶ୍ୱଶାନ୍ତି ଅଲେଖ ମହିମା ଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । ଏଥିପାଇଁ ବୁର୍ଡାରେ ୩ ଦିନ ଧରି ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଲୋକେ ଦିବ୍ୟ ଅନୁଭୂତି ଲାଭ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ବୁର୍ଡା ଗ୍ରାମର ଉପରପଡା ତରଫରୁ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ଉପଲକ୍ଷେ ପ୍ରତିବର୍ଷ ଷୋହଳ ପ୍ରହର ନାମଯଜ୍ଞ ଆୟୋଜିତ ହୋଇଥାଏ । ଚଳିତବର୍ଷ ନାମଯଜ୍ଞକୁ ୨୬ ବର୍ଷ ପୁରିଛି। ନାମଯଜ୍ଞରେ ପୂଜକ ମୋହନ ମିଶ୍ର ପୂଜାର୍ଚ୍ଚନା କରିଥିବା ବେଳେ ନାରାୟଣ ସାହୁ ଓ ତାଙ୍କ ସ୍ତ୍ରୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ପ୍ରାୟ ୧୫ ରୁ ୨୦ ସଂକୀର୍ତ୍ତନ୍ୟ ଦଳ ଭାଗ ନେଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଦୁଇଟି ସଂକୀର୍ତ୍ତନ୍ୟ ଦଳ ମଧ୍ୟରେ ବୈଠକୀ ଆୟୋଜିତ ହୋଇଥିଲା। ସେହିପରି ଗ୍ରାମର ଆମ୍ବେଡକର ପଡାରେ ୩ ଦିନ ଧରି ବିଶ୍ୱଶାନ୍ତି ଅଲେଖ ମହିମା ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ତେଜରାଜ ବବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯଜ୍ଞ ଆୟୋଜିତ ହୋଇଥିଲା। ଏଥିରେ ପଡାର ସମସ୍ତ ପରିବାର ସଦସ୍ୟ ସାମିଲ ହୋଇଥିଲେ । ଯଜ୍ଞ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଭାପତି ଗୋପାଳ କଲେତ ଏବଂ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

### ପାଇପ ବିଛା କାମ ବ୍ୟାହତ

ବାଉଁଶୁଣୀ,୨୪।୫ (ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ଅଞ୍ଚଳରେ ଦୀର୍ଘ ଦିନ ହେବ ପାନୀୟ ଜଳ ସମସ୍ୟା ଲାଗି ରହିଥିବା ବେଳେ ପାଇପ ବିଛାଇବା କାମ ବାଧାପ୍ରାପ୍ତ ହୋଇଛି। ଏଥିନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପାଣି ସମସ୍ୟା ନେଇ ଅଞ୍ଚଳବାସୀ ବାରମ୍ବାର ବିଭାଗୀୟ ଅଧିକାରୀ ଓ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଫଳରେ ପ୍ରଶାସନର ନିର୍ଦ୍ଦେଶ କ୍ରମେ ଗତ କିଛି ଦିନ ହେବ ଏକ ଘରୋଇ କମ୍ପାନୀ ବାଉଁଶୁଣୀ ଅଞ୍ଚଳ ସମେତ ଡ଼ିମିରିପାଲି ଗ୍ରାମରେ ଗାତ ଖୋଳି ପାଇପ ବିଛାଇବା କାମ ଆରମ୍ଭ କରିଥିଲା। ମାତ୍ର ଜଣେ ବ୍ୟବସାୟୀ ଗାତ ଖୋଳାକୁ ବିରୋଧ କରି ପାଇପ ବିଛାଇବା କାମକୁ ସ୍ଥଗିତ ରଖିଥିବା ଜଣାପଡ଼ିଛି।

# ରବି ଧାନ ମଣ୍ଡି ଖୋଲିବାରେ ବିଳମ୍ବ, ଚିନ୍ତାରେ ଚାଷୀ

ଦେଓଗାଁ,୨୪।୫(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ରବି ଧାନ ଅମଳ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ଚଳିତବର୍ଷ ଏ ପର୍ଯ୍ୟନ୍ତ ରବିଧାନ ମଣ୍ଡି ଖୋଲି ନ ଥିବାରୁ ଚାଷୀ ମହଲରେ ଭାଳେଣି ପଡିଯାଇଛି । ଅମଳ ହୋଇଥିବା ଧାନକୁ କ'ଣ କରିବେ ସେ ନେଇ ଚିନ୍ତାରେ ରହିଥିବା ବେଳେ କେତେକ ଚାଷୀ ସ୍ଥାନୀୟ ବେପାରୀଙ୍କୁ କମ୍ ଦରରେ ବିକ୍ରି କରି ଦେଉଥିବା ନଜରକୁ ଆସିଛି। ଅନ୍ୟପକ୍ଷରେ ଗତ ୩ ଦିନ ତଳେ ହୋଇଥିବା ଅଦିନିଆ ବର୍ଷାରେ ଅନେକ ଚାଷୀଙ୍କ ଅମଳ ଧାନ ବର୍ଷାରେ ଭିଜି ନଷ୍ଟ ହୋଇଯାଇଛି। ବ୍ଲକରେ ଧାନମଣ୍ଡି ଖୋଲିବା ବର୍ତ୍ତମାନ ଅନିଶ୍ଚିତତାରେ ରହିଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

**ଚାଷୀଙ୍କୁ ଟୋକନ ମିଳିଛି, ହେଲେ ମଣ୍ଡିକୁ ଟାର୍ଗେଟ ନାହିଁ**

କୃଷି ବିଭାଗର ସୂଚନା ଅନୁଯାୟୀ, ଚଳିତବର୍ଷ ବ୍ଲକର ୨୬ ଟି ପଞ୍ଚାୟତରେ ୧୦୪୧ ହେକ୍ଟର ଜମିରେ ରବିଧାନ ଚାଷ ହୋଇଛି । ଗତବର୍ଷ ମେ ମାସରେ ରବିଧାନ ମଣ୍ଡି ଆରମ୍ଭ ହୋଇଯାଇଥିବା ବେଳେ ଚଳିତବର୍ଷ ଧାନ ମଣ୍ଡି ଖୋଲିବା ନେଇ ଏଯାଏ ଚାଷୀଙ୍କୁ କୌଣସି ସୂଚନା ମିଳିନାହିଁ। ଚାଷୀମାନଙ୍କ ମୋବାଇଲକୁ ଟୋକନ ମେସେଜ ଆସିଥିବା ବେଳେ ଏଯାଏ କୌଣସି ମଣ୍ଡିକୁ ଧାନକ୍ରୟ ପାଇଁ ଟାର୍ଗେଟ ଦିଆଯାଇନାହିଁ। ଫଳରେ କେବେ ଧାନକ୍ରୟ ହେବ ସେ ନେଇ ଚାଷୀମାନେ ଅନିଶ୍ଚିତତାରେ ରହିଥିବା କହିଛନ୍ତି।

ବିଭାଗୀୟ ଅବହେଳା ପାଇଁ ଚାଷୀମାନେ ଅଭାବୀ ଦରରେ ଧାନ ବିକ୍ରୟ କରି କ୍ଷତିଗ୍ରସ୍ତ ହେଉଥିବା ପରିତାପର ବିଷୟ ବୋଲି ଚାଷୀ ସଂଗଠନ ଅଭିଯୋଗ କରିଛି। ଏ ସମ୍ପର୍କରେ ବ୍ଲକ ଯୋଗାଣ ନିରୀକ୍ଷକ ପ୍ରଶାନ୍ତ କୁମାର ପଧାନଙ୍କୁ ପଚାରିବାରେ ଚଳିତବର୍ଷ ନିର୍ବାଚନ ଥିବାରୁ ରବିଧାନ ମଣ୍ଡି ଖୋଲିବାରେ ବିଳମ୍ବ ହୋଇଛି। କିଛି ଦିନ ମଧ୍ୟରେ ମଣ୍ଡି ପ୍ରକ୍ରିୟା ଆରମ୍ଭ ହେବ ବୋଲି ସୂଚନା ଦେବା ସହ ବ୍ଲକରେ ୧୧ଟି ପାକ୍ସ ଓ ଥାଲବନ୍ଧ ଠାରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀକୁ ଧାନ କ୍ରୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଟାର୍ଗେଟ ଆସିଲେ ଧାନ କ୍ରୟ ଆରମ୍ଭ ହୋଇଯିବ ବୋଲି ସେ କହିଥିଲେ। ଏ ଦିଗରେ ଜିଲାପାଳ ଦୃଷ୍ଟି ଦେବାକୁ ଚାଷୀ ମହଲରେ ଦାବି ହୋଇଛି ।



**ଆଜି ଭୋଟ ଗ୍ରହଣ:** ଶୁକ୍ରବାର ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ପଡିଆରେ ଅଧିକାରୀ ଓ କର୍ମଚାରୀମାନଙ୍କୁ ମତଦାନ କେନ୍ଦ୍ରକୁ ନେବା ସକାଶେ ଚାରି ଚକିଆ ଯାନ ଅପେକ୍ଷାରତ।

# ସ୍ୱାମୀଙ୍କ ଚିକିତ୍ସା ପାଇଁ ପ୍ଲାଜମା ଯୋଗାଡ଼ କରିପାରୁ ନାହାନ୍ତି ସ୍ତ୍ରୀ

ଲାଠୋର,୨୪।୫(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମର ବବିତା ବାରିକ ଅର୍ଥାଭାବ ଯୋଗୁ ସ୍ୱାମୀ ବରୁଣ ବାରିକଙ୍କ ଚିକିତ୍ସା ପାଇଁ ପ୍ଲାଜମା ଯୋଗାଡ କରି ପାରୁ ନଥିବା ନେଇ ପ୍ରକାଶ କରିଛନ୍ତି। ବବିତାଙ୍କ ପରିବାର କହିଲେ ସ୍ୱାମୀ ବରୁଣ ଏବଂ ଏକମାତ୍ର ଝିଅ ତୁଳସୀ । ପିତୃ ଅର୍ଜିତ ସମ୍ପତ୍ତି କିଛି ନାହିଁ । ବରୁଣ ଗ୍ରାମର ଏକ ସେଲୁନ ଦୋକାନରେ କାମ କରି ଯାହା ରୋଜଗାର କରୁଥିଲେ ସେଥିରେ ପରିବାର ପ୍ରତିପୋଷଣ କରୁଥିଲେ । ଏବେ ଦୁଇ ମାସ ହେବ ବରୁଣଙ୍କ ପେଟ ଫୁଲିବାରୁ ପରିବାରବର୍ଗ ବଲାଙ୍ଗୀର ଜିଲା ହସ୍ପିଟାଲକୁ ନେଇ ଚିକିତ୍ସା କରାଇଥିଲେ। ୧୦ ଦିନର ଚିକିତ୍ସା ପରେ ଲିଭର ଖରାପ ଅଛି ବୋଲି ଜଣାପଡିଥିଲା। ବରୁଣ ଟିକିଏ ସୁସ୍ଥ ହେବାରୁ ଘରକୁ ଆସିଥିଲେ। ପରେ ପୁଣି ତାଙ୍କ ଦେହ ଅସୁସ୍ଥ ହେବାରୁ ପରିବାରବର୍ଗ ବରଗଡ ବିକାଶ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଆଜିକୁ ୧୫ ଦିନ ହେବ ସେଠାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ମାଧ୍ୟମରେ ଚିକିତ୍ସା ଚାଲିଛି। ହେଲେ ଦିନକୁ ୫ରୁ ୭ ଗୋଟି ପ୍ଲାଜମା ଦରକାର ପଡୁଛି। ନିଜ ପାଖରେ ଯାହା ଅର୍ଥ ଥିଲା ତଥା ଲୋକଙ୍କ ଠାରୁ ଧାର କରଜ କରି ନେଇଥିବା ଅର୍ଥରେ ପ୍ଲାଜମା କିଣି ବବିତା ସ୍ୱାମୀଙ୍କ ଚିକିତ୍ସା କରୁଛନ୍ତି। ଏବେ ତାଙ୍କ ପାଖରେ ଆଉ ଅର୍ଥ ନାହିଁ। କେମିତି ସ୍ୱାମୀଙ୍କ ଚିକିତ୍ସା କରିବେ ସେ ଚିନ୍ତାରେ ଘାରି ହେଉଛନ୍ତି ସ୍ତ୍ରୀ ବବିତା । ଏପଟେ ବିଏସକେୱାଇ କାର୍ଡରେ ମିଳୁଥିବା ଅର୍ଥ ସରିଗଲେ ଯେଉଁ ଚିକିତ୍ସା ଟିକିଏ ମିଳୁଛି ତାହା ମଧ୍ୟ ମିଳି ପାରିବ ନାହିଁ। ଏଥିପ୍ରତି ବଲାଙ୍ଗୀର ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେଇ ବରୁଣଙ୍କ ଚିକିତ୍ସା ପାଇଁ ସରକାରୀ ସହାୟତା ଯୋଗାଇ ଦେବାକୁ ପରିବାରବର୍ଗ ଆକୁଳ ନିବେଦନ କରିଛନ୍ତି।

# ନିୟମିତ ଜଳଯୋଗାଣ ନ ହେବାରୁ ଉଦ୍‌ବେଗ

ବଲାଙ୍ଗୀର,୨୪।୫(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ମାଲପଡା ନାଗରିକ କମିଟିର ମାସିକିଆ ବୈଠକ ସଭାପତି ଯୁଧିଷ୍ଠିର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ବଲାଙ୍ଗୀର ମ୍ୟୁନିସିପାଲିଟିର ୱାର୍ଡ ନମ୍ବର ୧୪ ଓ ୧୫ ଅନ୍ତର୍ଗତ ମାଲପଡାର ବିଭିନ୍ନ ମୌଳିକ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ପ୍ରବଳ ଗ୍ରୀଷ୍ମ ପ୍ରବାହରେ ପଡାବାସୀ ପାନୀୟ ଜଳ ନ ପାଇ କିଭଳି ହନ୍ତସନ୍ତ ହେଉଛନ୍ତି ସେନେଇ ବିଶେଷ ଆଲୋଚନା କରାଯାଇଥିଲା। ନିୟମିତ ପାନୀୟ ଜଳ ବଣ୍ଟନ ପାଇଁ ଜନସ୍ୱାସ୍ଥ୍ୟ ବିଭାଗକୁ ଅନୁରୋଧ କରାଯାଇଥିଲେ ମଧ୍ୟ ଏ ଦିଗରେ ବିହିତ ପଦକ୍ଷେପ ନିଆଯାଉ ନ ଥିବାରୁ ବିଭାଗୀୟ ଅଧିକାରୀଙ୍କୁ ଭେଟି ଏନେଇ ଆଲୋଚନା କରାଯିବାକୁ ସ୍ଥିର କରାଯାଇଥିଲା। ଏହାସହିତ ମ୍ୟୁନିସିପାଲିଟି ପ୍ରଶାସନ ମଧ୍ୟ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପାନୀୟ ଜଳଯୋଗାଣ ନେଇ କୌଣସି ପଦକ୍ଷେପ ନେଇ ନ ଥିବାରୁ ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ମ୍ୟୁନିସିପାଲିଟି ପକ୍ଷରୁ ଅନେକ ସ୍ଥାନରେ ଜଳଛତ୍ରମାନ କରାଯାଇନାହିଁ। ପ୍ରଚଣ୍ଡ ଖରାରେ ଲୋକେ ପାଣି ମୁନ୍ଦାଏ ପିଇବାକୁ ପାଉ ନ ଥିବାରୁ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ତୁରନ୍ତ ମ୍ୟୁନିସିପାଲିଟି ସମସ୍ୟାର ସମାଧାନ କରିବାକୁ ସଦସ୍ୟମାନେ ଦାବି କରିଥିଲେ। ଗ୍ରୀଷ୍ମଦିନରେ ପିଇବା ପାଣି ସୁବ୍ୟବସ୍ଥା ଦିଗରେ ପ୍ରଶାସନ ଗୁରୁତ୍ୱ ଦେବାକୁ ବୈଠକରେ ଦାବି କରାଯାଇଥିଲା। ଶେଷରେ ଦିବାକର ହୋତା ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ବୈଠକରେ ଗୋପବନ୍ଧୁ ପୁରୋହିତ, ପଞ୍ଚାନନ ସେଠ୍, ତରୁଣ କୁମାର ମିଶ୍ର, ଶ୍ୟାମ ସୁନ୍ଦର ଆଚାର୍ଯ୍ୟ, ଆକୁଳ ବେହେରା ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ।

**ମାଲପଡ଼ା ନାଗରିକ କମିଟି ବୈଠକ**

# ଗୋପାଳପୁରରେ ବାଲ୍ୟ ବିବାହକୁ ରୋକିଲା ପ୍ରଶାସନ

ଲୋଇସିଂହା,୨୪।୫(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଗୋପାଳପୁରରେ ଜଣେ ନାବାଳିକାଙ୍କ ବାଲ୍ୟ ବିବାହକୁ ସ୍ଥାନୀୟ ପ୍ରଶାସନ ଶୁକ୍ରବାର ରୋକିଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ ଗୋପାଳପୁର ଗ୍ରାମର ଲଳିତ ମଲ୍ଲିକଙ୍କ ନାବାଳିକା ଝିଅ ଓ ବଲାଙ୍ଗୀର ଖଲିଆପାଲି ଗ୍ରାମର ଆଶିଷ ମହାଲିଙ୍ଗଙ୍କ ମଧ୍ୟରେ ବିବାହ ହେବାକୁ ସ୍ଥିର ହୋଇଥିଲା। ଜୁନ ୧୨ ତାରିଖରେ ବିବାହ ପାଇଁ ସମସ୍ତ ପ୍ରକ୍ରିୟା ମଧ୍ୟ ସରିଛି। ତେବେ ଏନେଇ ଅଭିଯୋଗ ପାଇବା ପରେ ଜିଲା ଶିଶୁ ସୁରକ୍ଷା ୟୁନିଟର କାର୍ଯ୍ୟକର୍ତ୍ତା, ସ୍ଥାନୀୟ ସିଡିପିଓ ଏବଂ ଲୋଇସିଂହା ପୋଲିସ ଲଳିତଙ୍କ ଘରେ ପହଞ୍ଚିଥିଲେ। ସ୍ଥାନୀୟ ଅଙ୍ଗନବାଡି କର୍ମୀ କଳ୍ପନା ପଧାନ, ଆନନ୍ଦିନୀ ଦୀପ, ଆଶା କର୍ମୀ, ୱାର୍ଡ ସଭ୍ୟାସଭ୍ୟଙ୍କ ଉପସ୍ଥିତିରେ ନାବାଳିକାଙ୍କ ଜନ୍ମ ପ୍ରମାଣପତ୍ର ଯାଞ୍ଚ କରାଯାଇଥିଲା।



ନାବାଳିକାଙ୍କ ପରିବାର ଲୋକଙ୍କୁ ଅଧିକାରୀମାନେ ବୁଝାଉଛନ୍ତି ।

୪ ନଭେମ୍ବର ୨୦୦୬ରେ ସେ ଜନ୍ମ ଗ୍ରହଣ କରିଥିବା ବେଳେ ତାଙ୍କୁ ୧୭ ବର୍ଷ ୭ ମାସ ହୋଇଥିବା ଜନ୍ମ ପ୍ରମାଣପତ୍ରରୁ ଜଣାପଡିଥିଲା । ଫଳରେ ଅଧିକାରୀମାନେ କମ୍ ବୟସରେ ବିବାହର କୁପରିଣାମ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ବୁଝାଇଥିଲେ । ୧୮ ବର୍ଷ ପୁରି ନ ଥିବାରୁ ସ୍ଥିରୀକୃତ ତାରିଖରେ ବିବାହ ବନ୍ଦ କରିବାକୁ ନାବାଳିକାଙ୍କ ପରିବାରକୁ ପରାମର୍ଶ ଦିଆଯାଇଥିଲା। ଏଥିରେ ଖିଲାପ କଲେ ୧ ଲକ୍ଷ ଜରିମାନା ଓ ୨ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି କୁହାଯାଇଥିଲା। ଏଥିସହିତ ପୁଅ ଘର ସହ କଥା ହୋଇ ଝିଅକୁ ୧୮ ବର୍ଷ ପୁରିଲା ପରେ ବିବାହ ତାରିଖ ସ୍ଥିର କରି ବିବାହ ଉତ୍ସବ ଆୟୋଜନ କରିବାକୁ ପରାମର୍ଶ ଦିଆଯାଇଥିଲା।

# ନୃସିଂହ ମନ୍ଦିରରେ ସାମୂହିକ ବ୍ରତୋପନୟନ ଉତ୍ସବ

ବଲାଙ୍ଗୀର,୨୪।୫(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ନୃସିଂହ ମନ୍ଦିର ପରିସରରେ ମହନ୍ତ ମହାରାଜ ବ୍ରଜ ମୋହନ ଶରଣ ଦେବ ଓ ଗୁରୁ ଭାଇଭଉଣୀ ସେବା ସଂଘ ଟ୍ରଷ୍ଟ ମିଳିତ ସହଯୋଗରେ ଗୁରୁବାର ନୃସିଂହ ମହାପ୍ରଭୁଙ୍କ ଆବିର୍ଭାବ ଦିବସରେ ବଲାଙ୍ଗୀର, ବରଗଡ, ନୂଆପଡା, ଫୁଲବାଣୀ ଜିଲାରୁ ଆସିଥିବା ୧୭ ଜଣ ବ୍ରାହ୍ମଣ ବାଳକଙ୍କ ନିଶୁଳ୍କ ବ୍ରତୋପନୟନ ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ପଣ୍ଡିତ ମୁରାରୀ ମିଶ୍ରଙ୍କ ଦ୍ୱାରା ଏହି ସଂସ୍କାର କାର୍ଯ୍ୟକ୍ରମ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଗୁରୁ ଭାଇ ଭଉଣୀ ସେବା ସଂଘ ଟ୍ରଷ୍ଟର ସଭାପତି ପଣ୍ଡିତ ଚନ୍ଦ୍ର କୁମାର ପୁରୋହିତ, ସମ୍ପାଦକ ପଣ୍ଡିତ ନାରାୟଣ ପୁରୋହିତ, ଯୁଗ୍ମ ସମ୍ପାଦକ ତଥା ନୃସିଂହ ମନ୍ଦିର ପୂଜକ ପଣ୍ଡିତ ଗୋବର୍ଦ୍ଧନ ଶତପଥୀ, କୋଷାଧ୍ୟକ୍ଷ ପଣ୍ଡିତ ଜଗମୋହନ ତ୍ରିପାଠୀ, କାର୍ଯ୍ୟକାରୀ ସଦସ୍ୟ ପଣ୍ଡିତ ଭକ୍ତ ଚରଣ ଦାଶ ଓ ଉପଦେଷ୍ଟା କମିଟି ସଦସ୍ୟ କିଶୋର କୁମାର ପୁରୋହିତ ଉପସ୍ଥିତ ଥିଲେ। ଏହି ଉତ୍ସବରେ ସହରର ବଦାନ୍ୟ ବ୍ୟକ୍ତି ମନୋଜ କୁମାର ଅଗ୍ରୱାଲ, ବ୍ରଜ ମୋହନ ସାହୁ, ଗଣପତି ପୁରୋହିତ, ଗିରିଶ ଚନ୍ଦ୍ର ମିଶ୍ର, ରାଜେନ୍ଦ୍ର ପାଣିଗ୍ରାହୀ ଓ ସିଦ୍ଧେଶ୍ୱର ମିଶ୍ର ବିଭିନ୍ନ ସାମଗ୍ରୀ ଓ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଡଭୋକେଟ ଜୟରାମ ମିଶ୍ର, ବାଦଲ ମହାକୁର ଯାଦବ, ପର୍ଶୁରାମ ନାୟକ, ସଂକୀର୍ତ୍ତନ ତ୍ରିପାଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ସହାୟତା କରିଥିଲେ।



ବଲାଙ୍ଗୀର ନୃସିଂହ ମନ୍ଦିରରେ ଅନୁଷ୍ଠିତ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ।

# ଟିଟିଲାଗଡ଼ରେ ଅସହ୍ୟ ତାତି, ଜନଜୀବନ ଅସ୍ତବ୍ୟସ୍ତ

ଟିଟିଲାଗଡ଼,୨୪।୫(ଶରତ ମିଶ୍ର)

ତତଲାଗଡ଼ ଭାବରେ ପରିଚିତ ବଲାଙ୍ଗୀର ଜିଲା ଟିଟିଲାଗଡ଼ ଅଞ୍ଚଳରେ ଚଳିତ ଗ୍ରୀଷ୍ମଋତୁରେ ଗତ ମାର୍ଚ୍ଚ ମାସଠାରୁ ପ୍ରଚଣ୍ଡ ଖରା ସାଙ୍ଗକୁ ଗରମ ଅନୁଭୂତ ହେଉଛି । ଚଳିତବର୍ଷ ତାପମାତ୍ରା ୪୫ ଡିଗ୍ରୀକୁ ଛୁଇଁ ସାରିଥିବା ବେଳେ ଅଦ୍ୟାବଧି ନିସ୍ତାର ନାହିଁ । ଗତ କିଛି ଦିନ ଧରି ସରକାରୀ ଭାବରେ ତାପମାତ୍ରା ୪୧ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି । ସକାଳ ୬ଟାରୁ ତାପମାତ୍ରା ବୃଦ୍ଧି ସହ ମୁଣ୍ଡଫଟା ଖରା ଅସହ୍ୟ ହୋଇଛି। ମଧ୍ୟରାତ୍ର ପର୍ଯ୍ୟନ୍ତ ଝାଞ୍ଜି ପବନ ଲାଗି ରହୁଛି। ସହର ସାରା ଛାତ ଘର ସାଙ୍ଗକୁ ପିଚୁ ଏବଂ କଂକ୍ରିଟ ରାସ୍ତା ରହିଛି। ଏହାଛଡା ସହରକୁ ଲାଗି ରହିଥିବା ଲଣ୍ଡା କୁମୁଡା ପାହାଡ଼ ସାଙ୍ଗକୁ ଚତୁର୍ଦିଗରେ ଅସଂଖ୍ୟ ଲଣ୍ଡା ପାହାଡ଼ ତାପମାତ୍ରା ବୃଦ୍ଧିରେ ସହାୟକ ହୋଇଛି। ଘରର କାନ୍ଥବାଡ଼, ଛାତ ରାତି ପର୍ଯ୍ୟନ୍ତ ଉତ୍ତପ୍ତ ରହୁଥିବାରୁ ସାଧାରଣ ଲୋକେ ଗରମରେ ଆଉଟୁ ପାଉଟୁ ହେଉଛନ୍ତି। ଘରେ ଶିଶୁ, ମହିଳା, ବୃଦ୍ଧା ବୃଦ୍ଧ ତଥା ରୋଗୀଙ୍କ ଅବସ୍ଥା ଶୋଚନୀୟ ହୋଇପଡୁଛି। ପ୍ରଚଣ୍ଡ ରୌଦ୍ରତାପ ନେଇ ପୂର୍ବାହ୍ନ ୧୦ଟାରୁ ସହରର ରାସ୍ତାଘାଟ ପ୍ରାୟ ଶୂନ୍‌ଶାନ ହୋଇପଡୁଛି। ସହରରେ ବ୍ୟବସାୟ ଏକ ପ୍ରକାର ଠପ୍ ହୋଇ ପଡ଼ିଥିବା ବେଳେ ଦୋକାନୀ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସଟର ବନ୍ଦ କରି ଘରେ ବସୁଥିବା ଦେଖାଯାଉଛି। ମୂଲ ଲାଗି ପେଟ ପୋଷୁଥିବା ଶ୍ରମିକ ବର୍ଗଙ୍କ ଅବସ୍ଥା ଆହୁରି ଦୟନୀୟ ହୋଇ ପଡିଛି। ଅନ୍ୟପକ୍ଷରେ ଗ୍ରାମାଞ୍ଚଳରେ ମଧ୍ୟ ଟାଣ ଖରା ଯୋଗୁ କୂଅ, ପୋଖରୀ ଶୁଖିଲା ପଡିଛି। ପାନୀୟ ଜଳ ନେଇ ଲୋକଙ୍କ ମଧ୍ୟରେ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି। କାଳବୈଶାଖୀ କିମ୍ବା ବର୍ଷା ହେଉ ନ ଥିବାରୁ ଖରା ଯୋଗୁ ଆଗକୁ ପରିସ୍ଥିତି ଅଧିକ ଜଟିଳ ହେବା ଆଶଙ୍କା ପ୍ରକାଶ ପାଇଛି।



ପ୍ରଚଣ୍ଡ ଖରା ଯୋଗୁ ଲୋକେ ଗଛ ଛାଇ ତଳେ ବିଶ୍ରାମ ନେଇଛନ୍ତି।



**ସଂକ୍ଷେପରେ**

## ଡିମିରିପାଲି ଗ୍ରାମରେ ପାଇପ ବିଛା କାମ ବ୍ୟାହତ

### ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ

ବାଉଁଶୁଣୀ,୨୪।୫ (ଦେବାଶିଷ ନେପାକ)

ବାଉଁଶୁଣୀ,୨୪।୫ (ଦେବାଶିଷ ନେପାକ)– ବୌଦ୍ଧ ଜିଲା ବାଉଁଶୁଣୀ ଅଞ୍ଚଳରେ ଦୀର୍ଘ ଦିନ ହେବ ପାନୀୟ ଜଳ ସମସ୍ୟା ଲାଗି ରହିଥିବା ବେଳେ ପାଇପ ବିଛାଇବା କାମ ବାଧାପ୍ରାପ୍ତ ହୋଇଛି । ଏଥିନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ପ୍ରକାଶ ଯେ, ପାଣି ସମସ୍ୟା ନେଇ ଅଞ୍ଚଳବାସୀ ବାରମ୍ବାର ବିଭାଗୀୟ ଅଧିକାରୀ ଓ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ । ଫଳରେ ପ୍ରଶାସନର ନିର୍ଦ୍ଦେଶ କ୍ରମେ ଗତ କିଛି ଦିନ ହେବ ଏକ ଘରୋଇ କମ୍ପାନୀ ବାଉଁଶୁଣୀ ଅଞ୍ଚଳ ସମେତ ଡିମିରିପାଲି ଗ୍ରାମରେ ଗାତ ଖୋଳି ପାଇପ ବିଛାଇବା କାମ ଆରମ୍ଭ କରିଥିଲା । ମାତ୍ର ଜଣେ ବ୍ୟବସାୟୀ ଗାତ ଖୋଳାକୁ ବିରୋଧ କରି ପାଇପ ବିଛାଇବା କାମକୁ ସ୍ଥଗିତ ରଖିଥିବା ଜଣାପଡ଼ିଛି । ଜିଲାରେ ତାପମାତ୍ରା ଅଧିକ ରହୁଥିବା ବେଳେ ଜଣେ ବ୍ୟବସାୟୀଙ୍କ ବିରୋଧ ଯୋଗୁ ଗ୍ରାମବାସୀ ପାନୀୟ ଜଳ ପାଇବାରୁ ବଞ୍ଚିତ ହେବା କେତେ ଯୁକ୍ତିଯୁକ୍ତ ବୋଲି ଆଲୋଚନା ଜୋର ଧରିଛି। ଜିଲା ପ୍ରଶାସନ ଏହି ସମସ୍ୟା ର ସମାଧାନ କରି ଜଳ ଯୋଗାଇ ଦେବା ବ୍ୟବସ୍ଥା କରିବାକୁ ଡିମିରିପାଲି ଗ୍ରାମବାସୀ ଦାବି କରିଛନ୍ତି ।

# ତେଲନଦୀରୁ ବାଲି ଚୋରାଚାଲାଣ

ସୋନପୁର,୨୪।୫(ମୃତ୍ୟୁଞ୍ଜୟ ଶତପଥୀ)



ତେଲନଦୀରୁ ଟ୍ରାକ୍ଟର ଯୋଗେ ବାଲି ଚୋରାଚାଲାଣ କରାଯାଉଛି।

ସୁବର୍ଣ୍ଣପୁର ଜିଲାରେ ଏବେ ଲଘୁ ଖଣିଜ ଦ୍ରବ୍ୟର ଚୋରାଚାଲାଣ ବୃଦ୍ଧି ପାଇଛି। ରାଜ୍ୟ ସରକାର ପ୍ରାୟ ୧ ବର୍ଷ ପୂର୍ବରୁ ରାଜ୍ୟ ଇସ୍ପାତ ଓ ଖଣି ବିଭାଗକୁ ଜିଲାର ଲଘୁ ଖଣିଜ ଦ୍ରବ୍ୟ ପରିଚାଳନା ଦାୟିତ୍ୱ ଦେଇଛନ୍ତି। ସେହିଦିନଠାରୁ ବାଲି, ପଥର, ମୋରମ ଭଳି ଲଘୁ ଖଣିଜ ଦ୍ରବ୍ୟର ଚୋରାଚାଲାଣ ବୃଦ୍ଧି ପାଇଛି। ବିଶେଷ କରି ନଦୀ ନାଳ ପରିବେଷ୍ଟିତ ଏହି ଜିଲାରେ ବେଧଡକ ଭାବେ ବାଲି ଚୋରାଚାଲାଣ ହେଉଛି। ଏହାଦ୍ୱାରା ସରକାରଙ୍କ ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନୀ ହେଉଛି। ଜିଲା ସଦର ମୁହକୁମା ଠାରୁ ଅଳ୍ପ ଦୂରରେ ତେଲନଦୀରୁ ଟ୍ରାକ୍ଟର ଯୋଗେ ଦୈନିକ ବାଲି ଉତ୍ତୋଳନ କରାଯାଉଛି। ତେଲନଦୀ ବ୍ରିଜ୍ ତଳୁ ରେଳ ବିଭାଗର ବ୍ରିଜ୍ ମଧ୍ୟରେ ଦୈନିକ ଶତାଧିକ ଟ୍ରିପ୍ ବାଲି ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାକୁ ଚାଲାଣ ହେଉଛି। ବେଆଇନ ଭାବେ ବାଲି ଉତ୍ତୋଳନ ଉଭୟ ବ୍ରିଜ୍ ପ୍ରତି ବିପଦ ସୃଷ୍ଟି କରୁଛି। ଏହି ଉତ୍ସ ସରକାରଙ୍କ ପକ୍ଷରୁ କାହାରିକୁ ଲିଜ୍ ଦିଆ ଯାଇନଥିବା ବେଳେ ବେଆଇନ ଭାବେ ଚାଲିଛି। ପୂର୍ବରୁ ରାଜସ୍ୱ ବିଭାଗ ପକ୍ଷରୁ ଚଢାଉ କରାଯାଇ ଟ୍ରାକ୍ଟର, ହାଇୱା ଜବତ କରାଯିବା ସହ ଲକ୍ଷାଧିକ ଟଙ୍କା ଜରିମାନା ଆଦାୟ କରା ଯାଉଥିଲା। ଲଘୁ ଖଣିଜ ଦ୍ରବ୍ୟର ଦାୟିତ୍ୱ ଖଣି ବିଭାଗକୁ ହସ୍ତାନ୍ତର କରାଯିବା ପରେ ରାଜସ୍ୱ ବିଭାଗ ଏଥିପ୍ରତି ଆଖି ବୁଜି ଦେଇଛି। ଏହା ଚୋରା ବାଲି ବେପାରିଙ୍କୁ ବେଶ ସୁହାଉଛି। ବାଲି ଚୋରାଚାଲାଣ କାରବାରରେ ଉଭୟ ଜିଲାର କିଛି ମୁଷ୍ଟିମେୟ ଲୋକ ସାମିଲ ଅଛନ୍ତି। ସେମାନଙ୍କୁ ସ୍ଥାନୀୟ ପ୍ରଶାସନ ଭୟ କରୁଥିବା ଆଲୋଚନା ହେଉଛି। ସୂଚନା ଅନୁଯାୟୀ ଖଣି ବିଭାଗର ଏକ କାର୍ଯ୍ୟାଳୟ ନୂତନ ଭାବେ ସୁବର୍ଣ୍ଣପୁରରେ ଖୋଲିଛି। ଲଘୁ ଖଣିଜ ଦ୍ରବ୍ୟ ଚୋରି ରୋକିବା ପାଇଁ ଜଣେ ଅଧିକାରୀ ନିଯୁକ୍ତି ପାଇଛନ୍ତି। ତେବେ କର୍ମଚାରୀ ଅଭାବରୁ ସେ କ୍ଷେତ୍ର ପରିଦର୍ଶନ କରୁନାହାନ୍ତି କି ଚୋରି ରୋକିବାକୁ କୌଣସି ପଦକ୍ଷେପ ନେଉନାହାନ୍ତି। ଏ ସମ୍ପର୍କରେ ବଲାଙ୍ଗୀର ଖଣି ବିଭାଗର ଉପନିର୍ଦ୍ଦେଶକ ବୀରକିଶୋର ତିର୍କୀଙ୍କ ସହ ଯୋଗାଯୋଗ କରିବାରୁ ପୋଲିସ ଟିମ୍‌ର ସହାୟତା ନେଇ ଲଘୁ ଖଣିଜ ଦ୍ରବ୍ୟ ଚୋରି ରୋକିବାକୁ ସୁବର୍ଣ୍ଣପୁର ଖଣି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯିବ ବୋଲି କହିଛନ୍ତି। ସେହିପରି ବାଲି ଚୋରାଚାଲଣ ରୋକିବାକୁ ଦୃଢ ପଦକ୍ଷେପ ନିଆଯିବ। ଏଥିରେ ସମ୍ପୃକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଅନ୍ୟା ଦାସ ସୂଚନା ଦେଇଛନ୍ତି।

### ରାଜସ୍ୱ ଚୋରି ରୋକିବାକୁ ଦୃଢ କାର୍ଯ୍ୟାନୁଷ୍ଠାନ: ଜିଲାପାଳ

# ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହ ଜବତ

ବୌଦ୍ଧ,୨୪।୫( ଅଜିତ କୁମାର ବାରିକ)

### ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ

ବୌଦ୍ଧ ସହର ନିକଟସ୍ଥ ମାଉଳସିଙ୍ଗା ଗ୍ରାମର ବିଦ୍ୟାଳୟ ପଛପଟୁ ଜଣେ ଯୁବକଙ୍କ ମୃତଦେହ ଶୁକ୍ରବାର ଜବତ ହୋଇଛି । ତାଙ୍କୁ କେହି ହତ୍ୟା କରି ଟାଙ୍ଗି ଦେଇଥିବା ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ମିଳିଥିବା ସୂଚନା ମୁତାବକ, ବୌଦ୍ଧ ସହରର ବାପୁଜୀନଗର ବସ୍ତିରେ ରହୁଥିବା ମର୍ଜାକୁଦ ଗ୍ରାମର ଯୋଗେନ୍ଦ୍ର ଦେହୁରୀଙ୍କ ପୁଅ ସୁଜିତ ଦେହୁରୀ(୩୦)ଙ୍କ ମୃତଦେହ ମାଉଳସିଙ୍ଗା ବିଦ୍ୟାଳୟ ପଛପଟେ ଥିବା ଏକ ପଳଶା ଗଛରେ ଝୁଲନ୍ତା ଅବସ୍ଥାରେ ସ୍ଥାନୀୟ ଲୋକେ ଦେଖିବାକୁ ପାଇ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ବେକରେ ଗାମୁଛା ବନ୍ଧା ହୋଇ ସୁଜିତଙ୍କ ମୃତଦେହ ଗଛରେ ଝୁଲୁଥିବା ବେଳେ ଗୋଡ ଦୁଇଟି ମାଟିରେ ଲାଗିଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ମୃତକଙ୍କ ପିତା ଯୋଗେନ୍ଦ୍ର ସୁଜିତଙ୍କୁ ଶଶୁର ଘର ଲୋକ ହତ୍ୟା କରିଥିବା ନେଇ ବୌଦ୍ଧ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ପକ୍ଷରୁ ବୌଦ୍ଧ ଥାନାରେ ନଂ ୨୨୦/୨୪ ରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମେଡିକାଲକୁ ପଠାଇଛି । ଏନେଇ ବୌଦ୍ଧ ଥାନା ଅଧିକାରୀ ରଞ୍ଜିତ କୁମାର ମୁନୀଙ୍କୁ ପଚାରିବାରେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟତା ଜଣାପଡିବ ବୋଲି କହିଥିଲେ ।

## ବୁର୍ଡାରେ ଷୋହଳ ପ୍ରହର ନାମଯଜ୍ଞ ସମ୍ପନ୍ନ

ଲୋଇସିଂହା,୨୪।୫(ସୁଶାନ୍ତ ବାରିକ)

ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ଉପଲକ୍ଷେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡାରେ ଚାଲିଥିବା ଷୋହଳ ପ୍ରହର ନାମଯଜ୍ଞ ଓ ବିଶ୍ୱଶାନ୍ତି ଅଲେଖ ମହିମା ଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । ଏଥିପାଇଁ ବୁର୍ଡାରେ ୩ ଦିନ ଧରି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଲୋକେ ଦିବ୍ୟ ଅନୁଭୂତି ଲାଭ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ବୁର୍ଡା ଗ୍ରାମର ଉପରପଡା ତରଫରୁ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ଉପଲକ୍ଷେ ପ୍ରତିବର୍ଷ ଷୋହଳ ପ୍ରହର ନାମଯଜ୍ଞ ଆୟୋଜିତ ହୋଇଥାଏ। ଚଳିତବର୍ଷ ନାମଯଜ୍ଞକୁ ୨୬ ବର୍ଷ ପୁରିଛି । ନାମଯଜ୍ଞରେ ପୂଜକ ମୋହନ ମିଶ୍ର ପୂଜାର୍ଚ୍ଚନା କରିଥିବା ବେଳେ ନାରାୟଣ ସାହୁ ଓ ତାଙ୍କ ସ୍ତ୍ରୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରାୟ ୧୫ ରୁ ୨୦ ସଂକୀର୍ତ୍ତନ୍ୟ ଦଳ ଭାଗ ନେଇଥିଲେ।

# ବୌଦ୍ଧରେ ବୁଦ୍ଧ ଜୟନ୍ତୀ ପାଳିତ




ରାଜବାଟିସ୍ଥିତ ବୁଦ୍ଧ ମନ୍ଦିରରେ ପୂଜାର୍ଚ୍ଚନା କରାଯାଉଛି।

ବୌଦ୍ଧ,୨୪।୫(ଅଜିତ କୁମାର ବାରିକ)

ବୁଦ୍ଧଙ୍କ ନାମରେ ନାମିତ ବୌଦ୍ଧ ଜିଲାରେ ଧୁମଧାମରେ ବୁଦ୍ଧ ଜୟନ୍ତୀ ଗତ ଗୁରୁବାର ଦିନ ପାଳିତ ହୋଇଯାଇଛି । ବୁଦ୍ଧ ଜୟନ୍ତୀ କମିଟି ପକ୍ଷରୁ ସହରର ରାଜବାଟିସ୍ଥିତ ବୁଦ୍ଧମନ୍ଦିର, ପରଗଲପୁର, ଶ୍ୟାମସୁନ୍ଦରପୁର, ରାମନାଥ ମନ୍ଦିର, ଗମ୍ଭାରିପଦର ଓ କେଲାକଟାଠାରେ ପୂଜାର୍ଚ୍ଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ, ଇଣ୍ଟାକ୍ଟ ଜିଲା ମୁଖ୍ୟ ବିଶ୍ୱେଶ୍ୱର ପୃଷ୍ଟି, ଜିଲା ଉନ୍ନୟନ ପରିଷଦ ସଭାପତି ଚିତ୍ତରଞ୍ଜନ ଦାସ, ଅଭିନବ ପଟ୍ଟନାୟକ, କୃତ୍ତିବାସ ପଲିଆ, ରଘୁନାଥ ଷଡଙ୍ଗୀ, ତୃପ୍ତିରଞ୍ଜନ ଦାନୀ, ସୁର୍ଯ୍ୟେନ୍ଦ୍ର ଶତପଥୀ, ସୁଶାନ୍ତ ମହାପାତ୍ର, ମିନୁ ପ୍ରସାଦ ମିଶ୍ର, ଦେବବ୍ରତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ଏହାସହ ଜିଲାର ବିଭିନ୍ନ ସ୍ଥାନରେ ଥିବା ବୁଦ୍ଧ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରାଯାଇଥିଲା। ସନ୍ଧ୍ୟାରେ ମହାନଦୀ ଆଳତି ଘାଟରେ ବୁଦ୍ଧ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମଚାରୀ ଆଦିତ୍ୟ ଦାସ ବୁଦ୍ଧଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଆବାହକ ଦେବାଶିଷ ପୁରୋହିତ ପରିଚାଳନା କରିଥିଲେ।

## ଜଟେସିଂହାରେ ଭୀମ ଭୋଇ ଜୟନ୍ତୀ



ଭୀମ ଭୋଇ ଜୟନ୍ତୀ ପାଳନ ଅବସରରେ ଶ୍ରଦ୍ଧାଳୁ।

ଅମରପାଲି,୨୪।୫(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଜଟେସିଂହାଠାରେ ବୈଶାଖୀ ପୂର୍ଣ୍ଣମୀ ସନ୍ଧ୍ୟାରେ ସନ୍ଥ କବି ଭୀମ ଭୋଇଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଅନେକ ମହିମା ଧର୍ମାବଲମ୍ବୀ ଓ ଶ୍ରଦ୍ଧାଳୁ କବିଙ୍କ ଜନ୍ମ ପୀଠରେ ଉପସ୍ଥିତ ରହି ଧ୍ୱନି ପ୍ରଜ୍ୱଳନ କରିବା ସହ ତାଙ୍କର ସ୍ତୁତିଚାରଣ କରିଥିଲେ ।

## ବ୍ରାହ୍ମଣ ସମାଜ ପକ୍ଷରୁ ଗୀତା ଭାଗବତ ପୁରାଣ ପାଠ



ସରଣ୍ଡାରେ ପୁରଣ ପାଠ କରାଯାଉଛି।

ବୌଦ୍ଧ,୨୪।୫( ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ବ୍ରାହ୍ମଣ ସମାଜ ପକ୍ଷରୁ ବୌଦ୍ଧ ବ୍ଲକ ଅନ୍ତର୍ଗତ ସରଣ୍ଡା ଗ୍ରାମରେ ଶୁକ୍ରବାର ଦିନ ସାମୁହିକ ପୁରାଣ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ବ୍ରାହ୍ମଣ ସମାଜର ସଭାପତି ଗୁରୁପ୍ରସାଦ ଦାଶ ଓ ସମ୍ପାଦକ ଦେବାଶିଷ ପୁରୋହିତଙ୍କ ନେତୃତ୍ୱରେ ଭାଗବତ, ଗୀତା, ବିଷ୍ଣୁ ସହସ୍ରନାମ, ସୁନ୍ଦରକାଣ୍ଡ ପାଠ କରାଯାଇଥିଲା । ବର୍ତ୍ତମାନ ସମୟରେ ପୁରାଣ ଶାସ୍ତ୍ର ଠାରୁ ଲୋକମାନେ ଦୂରେଇ ଯାଉଥିବା ବେଳେ ଏହାର ପ୍ରଚାର ଓ ପ୍ରସାର ପାଇଁ ଜିଲା ବ୍ରାହ୍ମଣ ସମାଜ ପକ୍ଷରୁ ଏପରି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । କାର୍ଯ୍ୟକ୍ରମରେ ଗୋବର୍ଦ୍ଧନ ଦାଶ, ବାବାଜୀ ଦାଶ, ପୀତାମ୍ବର ଆଚାର୍ଯ୍ୟ, ରଞ୍ଜିତ ହୋତା, ବ୍ରହ୍ମାନନ୍ଦ ଶତପଥୀ, ସୁବାସ ହୋତା, ଜ୍ଞାନରଞ୍ଜନ ମିଶ୍ର, ସଞ୍ଜୀବ ମିଶ୍ର, ମିନୁ ପ୍ରସାଦ ମିଶ୍ର, ସୁର୍ଯ୍ୟେନ୍ଦ୍ର ଶତପଥୀ, ସଞ୍ଜୟ ଶଙ୍କର ପୁରୋହିତ, ଆଶୁତୋଷ ପଣ୍ଡା ପୁରାଣ ପାଠ କରିଥିଲେ।

# କୁଶାଙ୍ଗ ରେଞ୍ଜରେ ଶୂନ, ମାଧପୁରରେ ୧୪ ହାତୀ ଚିହ୍ନଟ

ବୌଦ୍ଧ/ତଳଗାଁ,୨୪।୫(ଅଜିତ କୁମାର ବାରିକ/ କୁନା ବେହେରା)

### ନୟାଗଡ଼ ବନ୍ୟପ୍ରାଣୀ ଏବଂ ବୌଦ୍ଧ ବନଖଣ୍ଡରେ ହାତୀ ଗଣନା ଶେଷ



ମାଧପୁର ରେଞ୍ଜର ଜଙ୍ଗଲରେ ହାତୀ ଗଣନା କାର୍ଯ୍ୟରେ ନିୟୋଜିତ ବନ କର୍ମଚାରୀ ।

ଗତ ବୁଧବାର ଠାରୁ ନୟାଗଡ ମହାନଦୀ ବନ୍ୟପ୍ରାଣୀ ଏବଂ ବୌଦ୍ଧ ବନଖଣ୍ଡ ଅଧୀନରେ ଥିବା ସମସ୍ତ ରେଞ୍ଜରେ ହାତୀ ଗଣନା ଆରମ୍ଭ ହୋଇଥିବା ବେଳେ ଶୁକ୍ରବାର ଶେଷ ହୋଇଛି। ହାତୀ ଗଣନା ପାଇଁ ଉଭୟ ବନଖଣ୍ଡ ପକ୍ଷରୁ ରେଞ୍ଜଗୁଡିକର ହାତୀ ଚଲାପଥ ଅଞ୍ଚଳରେ ମଞ୍ଚା ତିଆରି କରାଯାଇ ହାତୀ ଗଣନା କରାଯାଇଥିଲା। ନୟାଗଡ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନରେ ଥିବା କୁଶଙ୍ଗ, ଛାମୁଣ୍ଡିଆ,ବାଣିଗୋଛା (ପୂର୍ବ) ଏବଂ ବାଣିଗୋଛା (ପଶ୍ଚିମ)ରେ ସମୁଦାୟ ୩୬ ଗୋଟି ମଞ୍ଚା କରାଯାଇଥିବା ବେଳେ ବୌଦ୍ଧ ବନଖଣ୍ଡର ପୁରୁଣାକଟକ ଓ ମାଧପୁର ରେଞ୍ଜରେ ୨୦ ଗୋଟି ମଞ୍ଚା କରାଯାଇ ହାତୀ ଗଣନା କରାଯାଇଥିଲା। ଗଣନା ପରେ କୁଶଙ୍ଗ ବନ୍ୟପ୍ରାଣୀ ରେଞ୍ଜରେ ହାତୀପଲ ନ ଥିବା ବନ ବିଭାଗରୁ କୁହାଯାଇଛି। ସେହିପରି ମାଧପୁର ରେଞ୍ଜର ଆଡେଣୀଗଡ, ବାରିଙ୍ଗ, ତଳଗାଁ ଫରେଷ୍ଟ ସେକ୍ସନର ହାତୀଧରା, ମୁଣ୍ଡେଶ୍ୱର, ପୋଡହଳ ଜଙ୍ଗଲରେ ହାତୀ ଗଣନା କରାଯାଇଥିଲା। ମାଧପୁର ରେଞ୍ଜର ଜଙ୍ଗଲଗୁଡିକରେ ୧୪ ଗୋଟି ହାତୀ ଥିବା ନେଇ ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । କୁଶଙ୍ଗ ରେଞ୍ଜରେ ରେଞ୍ଜର ସଂସାର ବର୍ଗିଆଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ଗଣନା କରିଥିଲେ। ମାଧପୁର ରେଞ୍ଜରେ ରେଞ୍ଜର ଆସିକ ଦିଗାଲ, ଫରେଷ୍ଟର ସୁନିଲ କ୍ଷେତୀ, ଅଭିମନ୍ୟୁ ମହାନ୍ତି, ସୁମନ୍ତ ମଲିକ, ଫରେଷ୍ଟ ଗାର୍ଡ ଶରତ ନାଏକ, ସୁବଳ ପ୍ରଧାନ ଓ ସମସ୍ତ ସ୍କାଡ୍ ସାମିଲ ଥିଲେ ।



## ସଂକ୍ଷେପରେ

### ଆତଙ୍କ ଖେଳାଉଛନ୍ତି ହାତୀପଲ



ଟେନ୍‌ସା,୨୪।୫(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡ଼ା ଓ ବରସୁଆଁ ବନ ବିଭାଗ ରେଞ୍ଜ ଅଞ୍ଚଳରେ ହାତୀପଲଙ୍କ ଆତଙ୍କ ଦେଖିବାକୁ ମିଳୁଛି। ବନ ବିଭାଗ କର୍ମଚାରୀ ଏଥିପ୍ରତି ସଜାଗ ଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ହାତୀପଲ ଲୋକଙ୍କ ଘର ଭାଙ୍ଗିବା ସହ ଧାନ ଚାଉଳ ଖାଇ ନଷ୍ଟ କରୁଛନ୍ତି। ଏପରିକି ଜୀବନହାନି ହେଉଛି। ଗୁରୁବାର ରାତିରେ କୋଇଡ଼ା ରେଞ୍ଜର ଓଏମ୍ଏମ୍ କ୍ୟାମ୍ପସ ଭିତରେ ପଶି ହାତୀ ପଲ ଜକସନ ଲୁଗୁନ୍ଙ୍କ ଘର ଭାଙ୍ଗି ଚାଉଳ ଖାଇ ଦେଇଛନ୍ତି। ସେହିପରି ଗତ ୧ ସପ୍ତାହ ଧରି ବରସୁଆଁ ରେଞ୍ଜର ତନ୍ତ୍ରା, ଫୁଲଝରି, ଜିରୋ ପଏଣ୍ଟ ଗ୍ରାମରେ ଦନ୍ତା ଆତଙ୍କ ଖେଳାଇଛି। ଗ୍ରାମବାସୀ ନିଆଁହୁଳା ଜାଳି,ବାଣ ଫୁଟାଇ ହାତୀ ପଲଙ୍କୁ ଘଉଡ଼ାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ହାତୀ ଭୟରେ ଗ୍ରାମବାସୀ ବାହାରକୁ ବାହାରୁନାହାନ୍ତି। ଏଥିପ୍ରତି ବନଖଣ୍ଡ ଅଧିକାରୀ ଓ ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହେଉଛି ।

### ସାପ କାମୁଡ଼ାରେ ନାବାଳିକାଙ୍କ ମୃତ୍ୟୁ

**ଖଡ଼ିଆଲ,୨୪।୫ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ସିନାପାଲି ଥାନା ଅନ୍ତର୍ଗତ କୁସୁମଯୋର ପଞ୍ଚାୟତର ହଳଦୀଖୋଲ ଗ୍ରାମରେ ସାପ କାମୁଡ଼ାରେ ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଟିକଚନ ମାଝିଙ୍କ ଝିଅ ବିଷ୍ଣୁପ୍ରିୟା ମାଝି (୧୫)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ବିଷ୍ଣୁପ୍ରିୟା ଘରେ ଭୂମିରେ ଶୋଇଥିବା ବେଳେ କୌଣସି ସାପ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଖଡ଼ିଆଳସ୍ଥିତ ମିଶନ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

# ଖୁଡ଼ୀ ହତ୍ୟାକାରୀ ପୁତୁରା ଜେଲ ଗଲେ

ବଣାଇଁ, ୨୪।୫(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ଗୁରୁଣ୍ଡିଆ ଥାନା ଅନ୍ତର୍ଗତ ସୋଲ ପଞ୍ଚାୟତ ଅସୁରଖୋଲ ଗ୍ରାମର ଢେଙ୍ଗୁରପାଣି ବସ୍ତିରେ ଗୁରୁବାର ଏକ ହତ୍ୟାକାଣ୍ଡ ଘଟିଛି। ଜେଲ ଫେରନ୍ତା ପୁତୁରା ଖୁଡ଼ୀଙ୍କୁ ପଥରରେ ଛେଚି ଅତି ନିର୍ମମଭାବେ ହତ୍ୟା କରିଛନ୍ତି। ଗୁରୁଣ୍ଡିଆ ପୋଲିସ ଅଭିଯୁକ୍ତ ରାଜେଶ ମିର୍ଦ୍ଧା (୪୨)ଙ୍କୁ ଗିରଫ କରି ଶୁକ୍ରବାର ବଣାଇଁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏନେଇ ପୋଲିସ ଏକ ହତ୍ୟା ମାମଲା (ନଂ.୩୧/୨୪) ରୁଜୁ କରି ଘଟଣାର ତଦନ୍ତ କରୁଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୧୩ରେ ରାଜେଶ ଏକ ନାବାଳିକା ବଳାତ୍କାର ମାମଲାରେ ପୋକ୍ସୋ ଅଦାଲତରେ ଦୋଷୀ ସାବ୍ୟସ୍ତ ହୋଇ ୧୦ ବର୍ଷ ସଶ୍ରମ କାରାଦଣ୍ଡ କାଟିଥିଲେ। ୨୦୨୨ରେ ଜେଲରୁ ମୁକୁଳିବା ପରେ ଗାଁ କୁ ଫେରିଥିଲେ। କିଛି ଦିନ ଘରେ ରହିବା ପରେ ରାଜେଶ କାମ କରିବାକୁ ମହାରାଷ୍ଟ୍ରକୁ ଯାଇଥିଲେ। ଭୋଟ ପାଇଁ ଗତ ୨୦ରେ ସେ ଘରକୁ ଆସିଥିଲେ। ୨୨ ତାରିଖରେ ଗାଁରେ ଭୋଜି ହୋଇଥିଲା। ରାଜେଶ ଏଥିରେ ନିୟୋଜିତ ଥିବାରୁ ଖୁଡ଼ୀ ପଦ୍ମାବତୀ ମିର୍ଦ୍ଧା (୫୫) ଭୋଜିକୁ ଯିବାକୁ ମନା କରିଥିଲେ। ରାଜେଶ ଏକଥା ଜାଣିବା ପରେ ଉତ୍‌କ୍ଷିପ୍ତ ହୋଇଯାଇଥିଲେ। ଘରଠାରୁ ୧୦୦ ମିଟର ଦୂରରେ ଖୁଡ଼ୀ ଗାଧେଇବାକୁ ଯାଇଥିବାବେଳେ ତାଙ୍କୁ ଆକ୍ରମଣ କରିଥିଲେ। ସେ ତଳେ ପଡିଯିବା ପରେ ତାଙ୍କୁ ଏକ ପଥର ସାହାଯ୍ୟରେ ଛେଚି ହତ୍ୟା କରିବା ପରେ ପୁଣି ମହାରାଷ୍ଟ୍ର ଯିବା ପାଇଁ ଚେଷ୍ଟା କରୁଥିଲେ। ଏନେଇ ଖବର ପାଇ ପୋଲିସର ଏକ ସ୍ୱତନ୍ତ୍ର ଟିମ ଗୁରୁବାର ଅପରାହ୍ନରେ ବେଦବ୍ୟାସ ପାହାଡି ହୋଟେଲ ନିକଟରୁ ରାଜେଶଙ୍କୁ କାବୁ କରି ଥାନାରେ ଅଟକ ରଖି ପଚରା ଉଚରା କରୁଥିଲେ। ଅନ୍ୟ ଏକ ଟିମ ଗାଁକୁ ଯାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଣାଇଁକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

# ରଘୁନାଥ ମୁର୍ମୁଙ୍କ ୧୧୯ତମ ଜୟନ୍ତୀ



ବନ୍ଧମୁଣ୍ଡା,୨୪।୫(ସୁବ୍ରତ ଦେ)

ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୧୯ତମ ଜୟନ୍ତୀ ବନ୍ଧମୁଣ୍ଡା ଏ-ସେକ୍ଟର ସ୍ଥିତ ଆଦିବାସୀ କ୍ଲବରେ ସାନ୍ତାଲ ସମିତି ପକ୍ଷରୁ ପାଳିତ ହୋଇଯାଇଛି। ବନ୍ଧମୁଣ୍ଡା ରେଳବାଇ ହସ୍ପିଟାଲର ଡା. କେ. ମୁର୍ମୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ. ଦୁଖିୟା ମୁର୍ମୁ ମୁଖ୍ୟ ଅତିଥି ଏବଂ ବିଶ୍ୱନାଥ ଟୁଡୁ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟ ଆରମ୍ଭରେ ସମସ୍ତ ଅତିଥି ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଫଟୋରେ ମାଲ୍ୟାର୍ପଣକରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତେ ଅଲଚିକି ସ୍କ୍ରିପ୍ଟକୁ ଜନସାଧାରଣଙ୍କ ନିକଟରେ ବିସ୍ତାର କରିବା ପାଇଁ ଶପଥ ଗ୍ରହଣ କରିଥିଲେ। ଯୁବକଙ୍କୁ ଅଲଚିକିରେ ପଢ଼ିବା ଏବଂ ଲେଖିବା ପାଇଁ ନିର୍ଣ୍ଣୟ ନିଆଯାଇଛି। କାର୍ଯ୍ୟକ୍ରମକୁ ସମ୍ବୋଧିତକରି ମୁଖ୍ୟ ଅତିଥି ମୁର୍ମୁ କହିଛନ୍ତି, ଶିକ୍ଷା ବିନା ମାନବ ଜୀବନ ଅସମ୍ପୂର୍ଣ୍ଣ । ମଣିଷ କେବଳ ଶିକ୍ଷା ମାଧ୍ୟମରେ ହିଁ ଅଗ୍ରଗତି କରିପାରିବ। ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୀବନୀ ଉପରେ ଆଲୋକପାତକରି ସେ କହିଛନ୍ତି, ପଣ୍ଡିତ ରଘୁନାଥ ମୁର୍ମୁ ସନ୍ଥାଳ ସମ୍ପ୍ରଦାୟକୁ ଏକଜୁଟ କରିବା ତଥା ସମାଜର କୁପ୍ରଥାକୁ ଦୂରକରିବା ପାଇଁ ବହୁ ସଂଗ୍ରାମ କରିଛନ୍ତି। ସେ ଯୁବକମାନଙ୍କୁ ସେମାନଙ୍କର ଭାଷା ଓ ସଂସ୍କୃତି ବିଷୟରେ ସଚେତନ ହେବାକୁ କହିଥିଲେ। ଏହି ଅବସରରେ ସନ୍ଥାଳ ସମ୍ପ୍ରଦାୟ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ଏକ ବନ୍ଧୁମିଳନ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ କମିଟି ସଭାପତି ବିଶ୍ୱନାଥ ମାରାଣ୍ଡି, ଉପସଭାପତି ସୁନ୍ଦର ମୋହନ ମୁର୍ମୁ, କୋଷାଧ୍ୟକ୍ଷ ଦାସରଥ ମାର୍ଡି, ପୂର୍ବତନ ସଚିବ ଏନ୍.ଏନ୍. ମାର୍ଡି, ସାକିଲା ଟୁଡୁ, ଧନୁ ସୋରେନ, ବରିସା ମୁର୍ମୁ, ଶ୍ୟାମସୁନ୍ଦର ମୁର୍ମୁ, ସୋନା ମାରାଣ୍ଡି, କେ.ସି. ଟୁଡୁ, ସୁକଲାଲ ହେମ୍ବ୍ରମ, ସିପ୍ରା ମାରାଣ୍ଡି ସାମିଲ ହୋଇଥିଲେ।

## ଅଂଶୁଘାତରେ ହୋମଗାର୍ଡଙ୍କ ମୃତ୍ୟୁ ଅଭିଯୋଗ

ନୂଆପଡ଼ା,୨୪।୫ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ ଖରିଆର ରୋଡ ଜୋଙ୍କ ଥାନା ବଲୋଦା ଗାଁର ହୋମଗାର୍ଡ ଶତ୍ରୁଘ୍ନ ରାଉତ (୪୭)ଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଶତ୍ରୁଘ୍ନ ଗତ ୧୫ବର୍ଷ ହେବ ନୂଆପଡା ଜିଲାରେ ହୋମଗାର୍ଡ ଭାବେ କାର୍ଯ୍ୟରତ ଥିଲେ। ନୂଆପଡ଼ା ଜିଲାରେ ନିର୍ବାଚନ ଡ୍ୟୁଟି କରି ସେ ପଡୋଶୀ ବରଗଡ ଜିଲାକୁ ନିର୍ବାଚନ ଡ୍ୟୁଟିରେ ଯାଇଥିଲେ। ୨୦ ତାରିଖ ନିର୍ବାଚନ କାମ ସାରି ସେ ୨୧ରେ ଘରକୁ ଫେରିବା ବେଳେ ସେ ଅସୁସ୍ଥତା ଅନୁଭବ କରିଥିବା ପରିବାର ଲୋକେ କହିଛନ୍ତି। ଗୁରୁବାର ରାତିରେ ଖାଇସାରି ବସିଥିବା ବେଳେ ହଠାତ୍ ପଡ଼ିଯାଇ ଥିଲେ ଓ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରବଳ ତାତିରେ ଡ୍ୟୁଟି କରିଥିବାରୁ ଅଂଶୁଘାତରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଶୁକ୍ରବାର ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ମଧ୍ୟାହ୍ନରେ ନୂଆପଡ଼ା ଆରକ୍ଷୀ ଅଧୀକ୍ଷକ ଜିଆର୍ ରାଘବେନ୍ଦ୍ର ତାଙ୍କ ଗ୍ରାମକୁ ଯାଇ ମରଶରୀରକୁ ଶେଷ ସମ୍ମାନ ଜଣାଇବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ପରିବାର ଲୋକେ ଏହାକୁ ଅଂଶୁଘାତ ଜନିତ ମୃତ୍ୟୁ ବୋଲି ଘୋଷଣା କରି ସହାୟତା ରାଶି ଯୋଗାଇଦେବା ପାଇଁ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ଜାତୀୟ କରାଟେ ସଂଘର ରେଫରି ଦାୟିତ୍ୱ ନେଲେ ରାଜୀବ



ରାଉରକେଲା,୨୪।୫(ଦିନେଶ ମିଶ୍ର)

ରାଉରକେଲାର ଜାତୀୟ ଓ ଅନ୍ତର୍ଜାତୀୟ ପଦକପ୍ରାପ୍ତ ତଥା ଓଡିଶାର ଏକମାତ୍ର ଏସୀୟ ଜଜ୍ ରାଜୀବ କୁମାର ସିଂ ଜାତୀୟ କରାଟେ ସଂଘର ରେଫରି କମିଶନର ସଦସ୍ୟ ଭାବେ ଦ୍ୱିତୀୟ ଥର ପାଇଁ ମନୋନୀତ ହୋଇଛନ୍ତି। ଉତ୍କଳ କରାଟେ ସ୍କୁଲ ରାଉରକେଲା ଶାଖା ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱରେ ରହି ରାଜୀବ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ କରାଟେ ଖେଳାଳି ସୃଷ୍ଟି କରିଛନ୍ତି। ୧୯୮୨-୮୩ରେ ପ୍ରତିଷ୍ଠା ହୋଇଥିବା ରାଜ୍ୟର ଅନ୍ୟତମ ପୁରାତନ କ୍ରୀଡା ସଂଘ ଓଡିଶା ରାଜ୍ୟ କରାଟେ ଡୋ ଆସୋସିଏଶନ(ଓସ୍କା)ର ସମ୍ପାଦିକା ଡ. ଗୌରୀ ମହାନ୍ତି, କୋଷାଧ୍ୟକ୍ଷ ଖାରବେଳ ମଲ୍ଲିକ, ଉପସଭାପତି ପ୍ରଦୀପ ସରକାର, ପ୍ରଶାନ୍ତ ଧଳ, ଏସ୍.ଆ ସାମଲ, କାଳୀପ୍ରସାଦ ନନ୍ଦ, ପରାମର୍ଶ ଦାତା ସଞ୍ଜୟ ଦାସ, ସତନ ନାୟକ, ପ୍ରକାଶ ପଟ୍ଟନାୟକଙ୍କ ସହ ସମସ୍ତ କର୍ମକର୍ତ୍ତା ରାଜୀବଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଅଣ୍ଟୁ ଯୋଜନା ସଂଶୋଧନ ସମ୍ପର୍କିତ ତାଲିମ ଶିବିର



ବାଲିଶଙ୍କରା,୨୪।୫(ହୃଦାନନ୍ଦ ବାରିକ)

ବାଲିଶଙ୍କରା ବ୍ଲକ କୁରେଇ ଗ୍ରାମଠାରେ ଅଣ୍ଟୁ ଯୋଜନା କାର୍ଯ୍ୟକାରୀ ଗୋଷ୍ଠୀ ଓ ମହିଳା କାର୍ଯ୍ୟକାରୀ ଗୋଷ୍ଠୀର ସଦସ୍ୟା ଓ ସଦସ୍ୟଙ୍କ ପାଇଁ ଅଣ୍ଟୁ ଯୋଜନା ସଂଶୋଧନ ସମ୍ପର୍କିତ ଏକଦିବସୀୟ ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଫରେଷ୍ଟର ଅକ୍ଷୟ କୁମାର ସାହୁ, ସମ୍ମାନିତ ଅତିଥି ଫରେଷ୍ଟ ଗାର୍ଡ ତନୟ ସିଂ, ପିଏମ୍‌ଜି ଷ୍ଟାଫ୍ ମାନସ ରଞ୍ଜନ ପାଣି, ମିତ୍ରଭାନୁ ମେହେର, କୁରେଇ ଭିଏସ୍ଏସ୍‌ର ସଭାପତି ହୃଦାନନ୍ଦ ବାରିକ, କୋଷାଧ୍ୟକ୍ଷ ଗୋବର୍ଦ୍ଧନ ଖୁଣ୍ଟିଆ, ୟୁସି ମେମ୍ବର ସୁଦର୍ଶନ ବାରିକ, ଗଇକନପାଲି ଭିଏସ୍ଏସ୍‌ର ଭାଇସ ପ୍ରେସିଡେଣ୍ଟ କଲ୍ୟାଣୀ ସିଂ, ୟୁସି ମେମ୍ବର ହରିପ୍ରିୟା ସିଂ, ମନ୍ଦୋଦରୀ ସିଂ, ତୁଳସୀ ସିଂ, କୁନ୍ତୀ ସିଂ, କୋଶର ସିଂ, ଧୁଡିନୂଆଗାଁ ଭିଏସ୍ଏସ୍‌ର ସଭାପତି ମନୋଜ କୁମାର ସା, କୋଷାଧ୍ୟକ୍ଷ ଜେନାମଣି କିଷାନ, ୟୁସି ମେମ୍ବର ଦିବ୍ୟ ଶଙ୍କର ସା, ସଚିନ୍ଦ୍ର ଦଣ୍ଡସନ ପ୍ରମୁଖ ଯୋଗଦେଇଥିଲେ। ଏହି ତାଲିମ ଶିବିରରେ ଗ୍ରାମର ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଶେଷରେ ସଭାପତି ହୃଦାନନ୍ଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଡ୍ରେନେଜ୍ ବ୍ୟବସ୍ଥା ନାହିଁ, ରାସ୍ତାରେ ଲହଡ଼ି ମାରୁଛି ପାଣି



ସୁନ୍ଦରଗଡ,୨୪।୫
(ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ ସହରରେ ଡ୍ରେନେଜ ବ୍ୟବସ୍ଥା ଠିକ ନ ଥିବାରୁ ବର୍ଜ୍ୟ ଜଳ ନିଷ୍କାସିତ ହୋଇ ପାରୁ ନାହିଁ। ଫଳରେ ସାମାନ୍ୟ ବର୍ଷା ହେଲେ ରାସ୍ତା ଉପରେ ପାଣି ଲହଡି ମାରୁଛି। ଗୁରୁବାର ସନ୍ଧ୍ୟାରେ ହୋଇଥିବା ଅଦିନିଆ ବର୍ଷରେ ସହରର କେତେକ ମୁଖ୍ୟ ରାସ୍ତା ଗୁଡିକରେ ଏଭଳି ଅବସ୍ଥା ଦେଖିବାକୁ ମିଳିଥିଲା। ସହରର ହସ୍ପିଟାଲ ଛକରୁ ସରକାରୀ କଲେଜ ରାସ୍ତାର ବିଭିନ୍ନ ସ୍ଥାନରେ ବର୍ଷା ଜଳ ନିଷ୍କାସିତ ହୋଇ ନ ପାରି ଲହଡି ମାରୁଥିଲା। ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ଡ୍ରେନ ଓ ରାସ୍ତା ନିର୍ମାଣ ବେଳେ ବର୍ଷା ଜଳ ନିଷ୍କାସନ ପାଇଁ ଧ୍ୟାନ ଦିଆ ଯାଇ ନ ଥିବାରୁ ଏଭଳି ଅବସ୍ଥା ଉପୁଜୁଥିବା ଲୋକେ ଅଭିଯୋଗ କରୁଛନ୍ତି। ଜଣେ ବରିଷ୍ଠ ନାଗରିକ ଦୁର୍ଗାମାଧବ ପଣ୍ଡାଙ୍କ କହିବା ଅନୁସାରେ, ରାସ୍ତା ନିର୍ମାଣ ଦିନଠାରୁ ଖାଲୁଆ ହୋଇ ରହିଥିବାରୁ ରାସ୍ତା ଉପରେ ପାଣି ଜମି ରହୁଛି। ଫଳରେ ଯାତାୟାତ ବେଳେ ପଥଚାରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ବର୍ଷା ଦିନ ପୂର୍ବରୁ ସହରର ଡ୍ରେନେଜ ବ୍ୟବସ୍ଥା ସୁଧାରିବା ପାଇଁ ସାଧାରଣରେ ଦାବି ହୋଇଛି। ଅପରପକ୍ଷରେ ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ଅଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ପାରିନହିଁ।

# ଜାତିଆଣ ମନୋଭାବ ରଖି କୀର୍ତ୍ତନକୁ ପଶିବାକୁ ମନା କରିଥିବା ଅଭିଯୋଗ

**ଲକ୍ଷେଘର ସମାଜ ଏସପିଙ୍କ ଦ୍ୱାରସ୍ଥ**

ବଡ଼ଗାଁ,୨୪।୫(ଅଶୋକ ଷଡ଼ଙ୍ଗୀ)

ବଡ଼ଗାଁ ବ୍ଲକ ଶଙ୍କରାପୋଷ ଗ୍ରାମରେ ହେଉଥିବା ନାମ ସଂକୀର୍ତ୍ତନକୁ ଅନୁସୂଚିତ ଜନଜାତିର ୨୦ଟି ପରିବାରକୁ ଜାତିଆଣ ମନୋଭାବ ରଖି ପଶିବାକୁ ନ ଦେବାରୁ ସେମାନେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ଲକ୍ଷେଘର ସମାଜର କର୍ମକର୍ତ୍ତାଙ୍କ ସହିତ ଅଭିଯୋଗକାରୀ ମାନେ ତୁରନ୍ତ ପଦକ୍ଷେପ ନେବାକୁ ଜଣାଇଛନ୍ତି। ଏ ସମ୍ପର୍କରେ ପ୍ରଥମେ ଅଭିଯୋଗକାରୀମାନେ ବଡ଼ଗାଁ ଥାନାରେ ଜଣାଇଥିଲେ। ପୋଲିସ ସମାଧାନ କରିବାରେ ବିଫଳ ହେବାରୁ ସେମାନେ ସମାଜ କର୍ମକର୍ତ୍ତାଙ୍କ ସହିତ ଉଚ୍ଚ ଅଧିକାରୀଙ୍କୁ ଜଣାଇଛନ୍ତି। ଅଭିଯୋଗ ଅନୁଯାୟୀ, ୨୨ ତାରିଖ ଅଧିବାସ ଓ ୨୩ ତାରିଖରୁ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ଏଥିପାଇଁ ଆୟୋଜିତ ପ୍ରସ୍ତୁତି ବୈଠକରେ ମଧ୍ୟ ସେମାନଙ୍କୁ ଡକା ଯାଇ ନ ଥିଲା। ୨୨ ତାରିଖରେ ବଡ଼ଗାଁ ଥାନାରେ ଏ ସମ୍ପର୍କରେ ସେମାନେ ଅଭିଯୋଗ କରିଥିଲେ। ଲକ୍ଷେଘର ସମାଜର କାର୍ଯ୍ୟକାରୀ ସଭାପତି ଲବଣୀଧର ବାଗଙ୍କ ସହିତ ଗ୍ରାମର ମୋତିଲାଲ ସୁନ୍ୟାନୀ, ସରଜୁ ସୁନ୍ୟାନୀ, ଭୋଳାନାଥ ପୋଢ,ସୁରେଶ ଜୟପୁରିଆ, ଲକ୍ଷ୍ମଣ ମହାନନ୍ଦିଆ, ବିଶନାଥ ତନ୍ତୀ, ରାଜା କାକ ପ୍ରମୁଖ ବ୍ୟକ୍ତି ଅତିରିକ୍ତ ଜିଲାପାଳ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତ କରି ଅଭିଯୋଗ ଜଣାଇଛନ୍ତି। ତୁରନ୍ତ ନ୍ୟାୟ ନ ମିଳିଲେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।



ଏଡିଏମ ରବି ନାରାୟଣ ସାହୁଙ୍କୁ ଲକ୍ଷେଘର ସମାଜ କର୍ମକର୍ତ୍ତା ଓ ଗ୍ରାମବାସୀ ଅଭିଯୋଗ ପତ୍ର ଦେଉଛନ୍ତି।








ମୌଳିକ ସମସ୍ୟା ସମାଧାନ ଦାବିରେ ଶୁକ୍ରବାର ଗ୍ରାମବାସୀ ଭୋଟ ବର୍ଜନ ପାଇଁ ରାସ୍ତା ଅବରୋଧ କରିଛନ୍ତି। ଘଟଣାସ୍ଥଳରେ ପୋଲିସ ପ୍ରଶାସନ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରୁଛି।

# ରାସ୍ତାରୋକୋ କଲେ ୬ ଗ୍ରାମର ଲୋକେ

ଦେବଗଡ଼,୨୪।୫(ଶଶାଙ୍କ ଶେଖର ଝାଙ୍କର)

- ଭୋଟ ବର୍ଜନ ପାଇଁ ପୂର୍ବରୁ ନିଷ୍ପତ୍ତି ନେଇଥିଲେ
- ପ୍ରଶାସନର ଲିଖିତ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ
- ସୁରକ୍ଷିତ ଭାବେ ବୁଥରେ ପହଞ୍ଚିଲେ ପୋଲିଂ ପାର୍ଟି

ଦେବଗଡ଼ ଜିଲା ତିଲେଇବଣି ବ୍ଲକ କଂସର ଗ୍ରାମପଞ୍ଚାୟତର ଅବହେଳିତ ୮ଟି ଗ୍ରାମର ଗ୍ରାମବାସୀ ପୋଲିଂ ପାର୍ଟିକୁ ଗାଁରେ ପୁରାଇ ଦେବୁନାହିଁ କହି ଶୁକ୍ରବାର ରାସ୍ତା ଅବରୋଧ କରିଥିଲେ। ଏହା ପୂର୍ବରୁ ସେମାନେ ଭୋଟ ବର୍ଜନ ପାଇଁ ଚେତାବନୀ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନିକ ଟିମ୍ ଓ ପୋଲିସ ଘଟଣା ପହଞ୍ଚି ଆନ୍ଦୋଳନକାରୀମାନଙ୍କୁ ବୁଝାଶୁଝା କରିଥିଲେ। ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହେବା ସହ ପୋଲିଂ ପାର୍ଟି ଧାର୍ଯ୍ୟ ପୋଲିଂ କେନ୍ଦ୍ରରେ ସୁରକ୍ଷିତ ଭାବେ ପହଞ୍ଚିଥିବା ଜଣାପଡିଛି। ମିଳଥିବା ସୂଚନା ଅନୁଯାୟୀ ତିଲେଇବଣି ବ୍ଲକ କଂସର ପଞ୍ଚାୟତ ଅଧୀନ ଖଜୁରୀଖମଣ, ତେଲଭାଙ୍ଗୁଣୀ, ଭଙ୍ଗାମୁଣ୍ଡା, ହିରଣ, ବାଲିଆମ, ବିରିଆମ, ଲଇଣ୍ଡା ଏବଂ ଜଗଦଳା ଗ୍ରାମକୁ ନିତିଦିନି ରାସ୍ତା ନ ଥିବା ବେଳେ ବିଦ୍ୟୁତ୍ ସେବା, ମୋବାଇଲ ସେବା ଓ ବିଶୁଦ୍ଧ ପାନୀୟ ଜଳ ସମ୍ପୂର୍ଣ୍ଣ ଅପହଞ୍ଚ। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ପ୍ଲାନ୍ସ ସ୍କିମରୁ ପ୍ରାୟ ୬ କୋଟି ଟଙ୍କା ମୂଲ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଜଙ୍ଗଲ ଜମି ଦର୍ଶାଇ ରାସ୍ତା ନିର୍ମାଣ କାର୍ଯ୍ୟ ଆଗକୁ ବଢାଇବାକୁ ଅନୁମତି ଦେଉନି ବନବିଭାଗ। ଏଭଳି ପରିସ୍ଥିତିରେ ରାସ୍ତା କାମ ଅଧାପନ୍ତରିଆ ହୋଇ ପଡି ରହିବା ସହ ରାସ୍ତାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଯେଉଁ ଆଶା ସଞ୍ଚାର ହୋଇଥିଲା ତାହା ପୁଣି ଥରେ ମଉଳି ଯାଇଛି। ଏହି ସବୁ ସମସ୍ୟା ସମାଧାନ ନିମନ୍ତେ ଅଞ୍ଚଳବାସୀ ଅନେକ ବାର ବ୍ଲକ ପ୍ରଶାସନ ଓ ଜିଲା ପ୍ରଶାସନ ନିକଟରେ ମୌଖିକ ଓ ଲିଖିତ ଗୁହାରି କରିଥିଲେ ହେଁ କୌଣସି ସୁଫଳ ନ ମିଳିବାରୁ ଅଞ୍ଚଳବାସୀ ଭୋଟ ବର୍ଜନ ପାଇଁ ନିଷ୍ପତ୍ତି ନେଇଥିଲେ। ଏପରିକି ଗାଁକୁ ରାସ୍ତା ନାହିଁ ତ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ନାହିଁ। କୌଣସି ରାଜନୈତିକ ଦଳର କର୍ମକର୍ତ୍ତା ମଧ୍ୟ ଗାଁ ଭିତରେ ପଶି ପାରିବେନି ବୋଲି ବିଭିନ୍ନ ସ୍ଥାନରେ ବ୍ୟାନର ଓ ପୋଷ୍ଟର ମାରି ଉପରୋକ୍ତ ଗ୍ରାମଗୁଡିକର ଗ୍ରାମବାସୀ ଚେତାବନୀ ଦେଇଥିଲେ। ବ୍ଲକ ପ୍ରଶାସନ ଓ ଦେବଗଡ ତହସିଲଦାର ଉକ୍ତ ଅଞ୍ଚଳକୁ ଯାଇ ଗ୍ରାମବାସୀମାନଙ୍କ ସହିତ ଆଲୋଚନା କରିଥିଲେ ହେଁ କୌଣସି ସୁଫଳ ମିଳି ନ ଥିଲା। ଶୁକ୍ରବାର ନିର୍ବାଚନ ପରିଚାଳନା ପାଇଁ ଦେବଗଡରୁ ପୋଲିଂ ପାର୍ଟି ଉକ୍ତ ଅଞ୍ଚଳକୁ ବାହାରୁ ଥିବା ସୂଚନା ପାଇ ଖଜୁରୀଖମଣ (ଟାମ୍ପର), ତେଲଭାଙ୍ଗୁଣି, ଭଙ୍ଗାମୁଣ୍ଡା, ହିରଣ, ବାଲିଆମ, ବିରିଆମ, ଲଇଣ୍ଡା ଏବଂ ଜଗଦଲା ଗ୍ରାମବାସୀ ଖଜୁରୀଖମଣ ଓ ବିରିଆମକୁ ସଂଯୋଗ କରୁଥିବା ରାସ୍ତାରେ ବଡବଡ ପଥର ପକାଇବା ସହ ବ୍ୟାନର ଟାଣି ରାସ୍ତା ଅବରୋଧ କରିଥିଲେ। ଖବର ପାଇ କଂସର ଫାଣ୍ଡି ଅଧିକାରୀ ସଦଳବଳେ ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ମାତ୍ର ସେମାନେ ନିଜ ଜିଦରେ ଅଟଳ ରହିବା ସହ ବିଡିଓ ଏବଂ ତରହସିଲଦାର ଆସି ଲିଖିତ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ରାସ୍ତାରୁ ହଟିବେ ନାହିଁ ବୋଲି ରୋକଠୋକ ଭାବେ କହିଥିଲେ। ଖବର ପାଇ ଦେବଗଡ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶକ୍ରମେ ଦେବଗଡ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଧର୍ମାନନ୍ଦ ବେହେରା, ତିଲେଇବଣି ବିଡିଓ ରଘୁନାଥ ପାଣିଗ୍ରାହୀ, ଦେବଗଡ ତହସିଲଦାର କର୍ଣ୍ଣ ମଲ୍ଲିକ ଓ ଏସ୍‌ଡିପିଓ ସୌମ୍ୟରଞ୍ଜନ ମଲ୍ଲିକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ଗଣତନ୍ତ୍ରର ମହାପର୍ବରେ ସାମିଲ ହେବା ପାଇଁ ନିବେଦନ କରିଥିଲେ। ଏଥିସହ ନିର୍ବାଚନ ପ୍ରକ୍ରିୟା ପରେ ଆଗାମୀ ୧୧ ତାରିଖରେ ତିଲେଇବଣି ବ୍ଲକ ଓ ଦେବଗଡ ତହସିଲ କର୍ତ୍ତୃପକ୍ଷଙ୍କ ସମେତ ବିଦ୍ୟୁତ୍ ବିଭାଗୀୟ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ, ବନ ବିଭାଗ ଅଧିକାରୀ ଓ ଗ୍ରାମ୍ୟ ନିର୍ମାଣ ବିଭାଗ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ସହିତ ଅଞ୍ଚଳବାସୀଙ୍କୁ ନେଇ ଏକ ସମନ୍ୱୟ ବୈଠକ ଆୟୋଜନ କରିବା ସହ ସମସ୍ତ ସମସ୍ୟା ସମାଧାନ ନିମନ୍ତେ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଆନ୍ଦୋଳନକାରୀ ରାସ୍ତାରୋକୋ ଆନ୍ଦୋଳନ ପ୍ରତ୍ୟାହାର କରିବା ସହ ଶନିବାର ମତଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ଫଳରେ ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ସ୍ୱାଭାବିକ ହେବା ସହ ପୋଲିଂ ପାର୍ଟି ନିର୍ଦ୍ଧାରିତ ପୋଲିଂ ବୁଥରେ ସୁରକ୍ଷିତ ଭାବେ ପହଞ୍ଚିଥିଲେ।

## ଅସ୍ଥାୟୀ ମାଂସ ଦୋକାନକୁ ଲୋକଙ୍କ ବିରୋଧ

ଝାରସୁଗୁଡ଼ା,୨୪।୫(ସଞ୍ଜୟ ମାଲି)

ସହରସ୍ଥିତ ସରବାହାଲ ମୁଖ୍ୟ ରାସ୍ତା ଉପରେ ଖୋଲା ଯାଇଥିବା ଏକ ଅସ୍ଥାୟୀ ମାଂସ ଦୋକାନକୁ ଅଞ୍ଚଳବାସୀ ବିରୋଧ କରିଛନ୍ତି। ସରବାହାଲ ଗୌଡ ପଡ଼ା ଛକ ରେଲୱେ ଓଭର ବ୍ରିଜ ତଳେ ଏକ ପୁରୁଣା ପେଟ୍ରୋଲ ପମ୍ପ ସାମ୍ନାରେ ସହର ମଙ୍ଗଳ ବଜାର ଅଞ୍ଚଳର ଜଣେ ବ୍ୟବସାୟୀ ଏହି ମାଂସ ଦୋକାନ ଖୋଲିଛନ୍ତି। ଲୋକଙ୍କ ଅଭିଯୋଗ ଅନୁସାରେ ଏହି ରାସ୍ତା ଦେଇ ଅନେକ ମହିଳା, ଶିଶୁ, ଛାତ୍ରୀଛାତ୍ର ଯିବାଆସିବା କରନ୍ତି। ପ୍ରତିଦିନ ସକାଳୁ ଏଠାରେ ମାଂସ କଟା ହୁଏ। ପୌର ପରିଷଦ ନିୟମ ଅନୁଯାୟୀ ରୋଡ଼ ଉପରେ ମାଂସ କଟା ହେବା କଥା ନୁହେଁ। କିଛି ଦୂରରେ କିମ୍ବା ଢାଙ୍କି କି ରଖିବା କଥା। କିନ୍ତୁ ଝାରସୁଗୁଡାର କିଛି ମାଂସ ବ୍ୟବସାୟୀ ପୌରପରିଷଦ ନିୟମ ଅବମାନନା କରି ସହର ଅନେକ ଜାଗାରେ ଏପରି ଅସ୍ଥାୟୀ ମାଂସ ଦୋକାନ ଖୋଲିଛନ୍ତି। ଏହି ବିଷୟ ସ୍କୁଲ ଛାତ୍ରୀଛାତ୍ର, ମହିଳା ଓ ମା'ଙ୍କ ଉପରେ ପ୍ରଭାବ ପଡୁଛି। ତଥା ଆଖପାଖ ଅଞ୍ଚଳରେ ଦୁର୍ଗନ୍ଧ ହେବା ସହିତ ଜାଗା ଅପରିଷ୍କାର ହୋଇ ରହିଛି। ଫଳରେ ଲୋକେ ଯିବା ଆସିବା ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହି ବିଷୟ ଗୁରୁତର ସହ ସମାଧାନ କରିବା ପାଇଁ ସମସ୍ତ ସରବାହାଲ ତଥା ଆଖପାଖ ଅଞ୍ଚଳବାସୀ ଏହାକୁ ପ୍ରତିବାଦ କରିଛନ୍ତି।

## ଇନ୍ଦ୍ରପୁରରେ ଉଦ୍‌ଘାଟିତ ହେଲା ଗ୍ରାମୀଣ ସମ୍ବଳ କେନ୍ଦ୍ର



ଝାରସୁଗୁଡ଼ା,୨୪।୫(ସଞ୍ଜୟ ମାଲି)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଇନ୍ଦ୍ରପୁର ଗ୍ରାମରେ ଶୁକ୍ରବାର ଗ୍ରାମୀଣ ସମ୍ବଳ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଏଲଟିଆଇ ମାଇଣ୍ଡଟ୍ରି ପକ୍ଷରୁ ୨୯ ଲକ୍ଷ ୪୦ ହଜାର ଟଙ୍କା ବ୍ୟୟ ଅଟକଳ ଏବଂ ଆଜକା ଅନୁଷ୍ଠାନର ସହାୟତାରେ ଏହି କେନ୍ଦ୍ର ନିର୍ମାଣ କରାଯାଇଛି। କେନ୍ଦ୍ର ବିଶେଷ ଭାବେ ଚାଷୀ ଏବଂ ମହିଳାମାନଙ୍କ ପାଇଁ ଉପଯୋଗୀ ହୋଇପାରିବ। ଲଖନପୁର ଅଞ୍ଚଳରେ କୃଷି ଏବଂ ମହିଳାଙ୍କ ସଶକ୍ତିକରଣକୁ ଦୃଷ୍ଟିରେ ରଖି ଏହି କେନ୍ଦ୍ରର ନିର୍ମାଣ କରାଯାଇଛି। ଏହା ସହ ଏକ ସୌର ଶକ୍ତି ପରିଚାଳିତ ଶୀତଳ ଭଣ୍ଡାର ମଧ୍ୟ ଏଠାରେ ରହିଛି। ଅତି କମ ମୂଲ୍ୟରେ ଚାଷୀମାନେ ଏଠି ନିଜର ଉତ୍ପାଦିତ ପନିପରିବା ରଖିପାରିବେ। ଲଖନପୁର ବ୍ଲକ ଅଞ୍ଚଳର ଚାଷୀମାନେ ଅଦା ବହୁଳ ଭାବରେ ଚାଷ କରିବା ସହ ଅଭାବୀ ବିକ୍ରିର ଶିକାର ହୁଅନ୍ତି । ଏହି ସମସ୍ୟା ସମାଧାନ ପାଇଁ କିଛି ମାସ ମଧ୍ୟରେ ଏଠାରେ ଅଦାର ଏକ ପ୍ରୋସେସିଂ ୟୁନିଟ ଖୋଲାଯିବ । ଯେଉଁଠାରେ ଅଦାକୁ ଶୁଖାଇ ଏହାର ବିଭିନ୍ନ ସାମଗ୍ରୀ ତିଆରି କରି ବଜାରରେ ବିକ୍ରି କରାଯିବ। ଏହି ୟୁନିଟ ମହିଳାମାନେ ପରିଚାଳିତ କରିବେ। ଯାହାଦ୍ୱାରା ଉଭୟ ମହିଳା ଏବଂ ଚାଷୀମାନେ ଉପକୃତ ହୋଇପାରିବେ ବୋଲି ପ୍ରିନ୍ସିପାଲ ଡାଇରେକ୍ଟର ଏଣ୍ଡ ହେଡ୍ ଏନଭାଇରମେଣ୍ଟାଲ, ସୋସିଆଲ ଏଣ୍ଡ ଗଭରନେନ୍ସ ପ୍ରତ୍ୟୁସ ପଣ୍ଡା, ଏଲଟିଆଇ ମାଇଣ୍ଡ ଟ୍ରିର ସିଏସଆର ମୁଖ୍ୟ ଜିତେନ୍ଦ୍ର ଘନଘେସ କହିଛନ୍ତି। ଭିକମପାଲିଠାରେ ଲଖନପୁର ବ୍ଲକ ଅଞ୍ଚଳର ଚାଷୀଙ୍କ ସହ ଏକ ବୈଠକରେ ସେମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇଛି। ଚାଷୀମାନେ କିପରି ଏବଂ କ'ଣ ସବୁ ଉତ୍ପାଦନ କରୁଛନ୍ତି। ଏହାର ବଜାରୀକରଣ କିପରି କରିବେ। କିପରି ଅଧିକରୁ ଅଧିକ ଲାଭବାନ ହେବେ ସେ ଦିଗରେ ବୈଠକରେ ଆଲୋଚନା କରାଯାଇଛି। ଏହି ଅବସରରେ ପ୍ରିନ୍ସିପାଲ ଡାଇରେକ୍ଟର ଏଣ୍ଡ ହେଡ୍ ଏନଭାଇରମେଣ୍ଟାଲ, ସୋସିଆଲ ଏଣ୍ଡ ଗଭରନେନ୍ସ ପ୍ରତ୍ୟୁସ ପଣ୍ଡା, ଏଲଟିଆଇ ମାଇଣ୍ଡ ଟ୍ରିର ସିଏସଆର ମୁଖ୍ୟ ଜିତେନ୍ଦ୍ର ଘନଘେସ, ଆଜକା ଅନୁଷ୍ଠାନର ଗୌତମ ବେହେରା ପ୍ରମୁଖଙ୍କ ସହ ଅଞ୍ଚଳର ଚାଷୀ ଏବଂ ମହିଳାମାନେ ଉପସ୍ଥିତ ଥିଲେ ।

# ବୁରୋମାଲ ଗ୍ରାମ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ

ଝାରସୁଗୁଡ଼ା,୨୪।୫(ସଞ୍ଜୟ ମାଲି)

ଝାରସୁଗୁଡ଼ା ସହର ୨୧ ନମ୍ବର ୱାର୍ଡ ବୁରୋମାଲ ଗ୍ରାମର ସର୍ବପୁରାତନ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ସୂଚନାଯୋଗ୍ୟ ଯେ, ଝାରସୁଗୁଡା ସହର ତଥା ଆଖପାଖ ଅଞ୍ଚଳରେ ଥିବା ପୁରାତନ ପୋଖରୀ ମଧ୍ୟରୁ ଏହି ପୋଖରୀ ଗୋଟିଏ। ଏହି ପୋଖରୀ କାଳା ତାଲାବ ନାମରେ ନାମିତ। ଅନେକ ବର୍ଷରୁ ଏହି ପୋଖରୀ ଶୋଚନୀୟ ଅବସ୍ଥାରେ ପଡ଼ି ରହିଥିଲା। ପାଣି ଭିତର କାଇ, ଜାଲ, ପତର, ଅନେକ ଛୋଟଛୋଟ ଗଛ ଆଦି ଜମି ପୋଖରୀ ପାଣି ଅପରିଷ୍କାର ହୋଇ ରହିଥିଲା। ତଥା ବି ଆଖପାଖ ଅଞ୍ଚଳର ଲୋକେ ବାଧ୍ୟ ହୋଇ ଏହି ପୋଖରୀ ପାଣି ଗାଧୋଇବା ପାଇଁ ବ୍ୟବହାର କରୁଥିଲେ। ସହରର ବୁରୋମାଲ, ବୁଢ଼ାପଡ଼ା, ମଙ୍ଗଳ ବଜାର, ପୁରୁଣା ବସ୍ତି, ବାବୁପଡ଼ା ଆଦି ଅଞ୍ଚଳର ଲୋକେ ଏହି ପୋଖରୀ ଉପରେ ନିର୍ଭର କରନ୍ତି। ଅନେକ ଦିନରୁ ଲୋକଙ୍କ ଅଭିଯୋଗ ସତ୍ତ୍ୱେ ଏହି ପୋଖରୀ ସଫା କରିବା ପାଇଁ ଝାରସୁଗୁଡା ପୌର ପରିଷଦ ଓ ପୂର୍ତ୍ତ ବିଭାଗ ନିରବଦ୍ରଷ୍ଟି ସାଜିଥିଲା। କିନ୍ତୁ ବାରମ୍ବାର ଲୋକଙ୍କ ଅଭିଯୋଗ ଓ ଜିଲା ପ୍ରଶାସନକୁ ଦାବିପତ୍ର ଦେବା ପରେ ପୌର ପରିଷଦ ଓ ପୂର୍ତ୍ତ ବିଭାଗ ମିଳିତ ଆନୁକୁଲ୍ୟରେ ଜଣେ ଠିକାଦାରଙ୍କୁ ଟେଣ୍ଡର ମାଧ୍ୟମରେ ନିୟୋଜିତ କରି ଏହି ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି। ଠିକାଦାର ପକ୍ଷରୁ କାଦୁଅ ଓ ପଙ୍କ ସଫା କରିବା ପାଇଁ ୨ ଗୋଟି ପୋକ୍ଲେନ ମେଶିନ, ୫ ଗୋଟି ଟ୍ରାକ୍ଟର, ୧୦ଜଣ ଲୋକଙ୍କୁ ନିୟୋଜିତ କରାଯାଇଛି। ପୋଖରୀର କାର୍ଯ୍ୟ ଆରମ୍ଭ ହେବା ଜାଣି ଆଖପାଖ ଅଞ୍ଚଳବାସୀ ତଥା ବୃଦ୍ଧୀଜୀବୀ ମହଲରେ ଖୁସିର ଲହରି ଖେଳିଯାଇଛି।



## ୟୁକୋ ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ଭାବେ ଆଶିଷ କୁମାର ବିଶ୍ୱାଳଙ୍କ ଦାୟିତ୍ୱ ଗ୍ରହଣ

ସମ୍ବଲପୁର,୨୪।୫(ବି.ଶଙ୍କର)



ୟୁକୋବ୍ୟାଙ୍କ ସମ୍ବଲପୁର ଅଞ୍ଚଳର ନୂତନ ଆଞ୍ଚଳିକ ମୁଖ୍ୟଭାବେ ଆଶିଷ କୁମାର ବିଶ୍ୱାଳ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ଏହା ପୂର୍ବରୁ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟରେ ଉପଆଞ୍ଚଳିକ ମୁଖ୍ୟଭାବେ କାର୍ଯ୍ୟ କରୁଥିଲେ। ସେ ମଧ୍ୟ ସରକାରୀ ସଚିବାଳୟ ଶାଖାରେ ଶାଖା ମୁଖ୍ୟଭାବେ କାର୍ଯ୍ୟ କରିଥିଲେ। ୨୦୦୬ ମସିହାରେ ୟୁକୋବ୍ୟାଙ୍କରେ ପ୍ରୋବେସନାରୀ ଅଫିସରଭାବେ ଯୋଗ ଦେବା ପରେ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିବାର ଅଭିଜ୍ଞତା ତାଙ୍କର ରହିଛି । ଏଗ୍ରିକଲ୍ଚର ଇଞ୍ଜିନିୟରିଂରେ ଏମ୍‌ଟେକ ଡିଗ୍ରୀ ହାସଲ କରିଥିବା ଆଶିଷ ଆଞ୍ଚଳିକ ମୁଖ୍ୟ ଭାବେ କର୍ପୋରେଟ କ୍ରେଡିଟ, କ୍ୟାଶଜମା ଏବଂ ଉତ୍ତମ ଗ୍ରାହକ ସେବା ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିବେ ବୋଲି ପ୍ରକାଶ କରିଛନ୍ତି ।

## ବ୍ରାହ୍ମଣ ସମାଜ ପକ୍ଷରୁ ଗୀତା ଭାଗବତ ପୁରାଣ ପାଠ



ବୌଦ୍ଧ,୨୪।୫( ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ବ୍ରାହ୍ମଣ ସମାଜ ପକ୍ଷରୁ ବୌଦ୍ଧ ବ୍ଲକ ଅନ୍ତର୍ଗତ ସରଣ୍ଡା ଗ୍ରାମରେ ଶୁକ୍ରବାର ଦିନ ସାମୁହିକ ପୁରାଣ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ବ୍ରାହ୍ମଣ ସମାଜର ସଭାପତି ଗୁରୁପ୍ରସାଦ ଦାଶ ଓ ସମ୍ପାଦକ ଦେବାଶିଷ ପୁରୋହିତଙ୍କ ନେତୃତ୍ୱରେ ଭାଗବତ, ଗୀତା, ବିଷ୍ଣୁ ସହସ୍ରନାମ, ସୁନ୍ଦରକାଣ୍ଡ ପାଠ କରାଯାଇଥିଲା। ବର୍ତ୍ତମାନ ସମୟରେ ପୁରାଣ ଶାସ୍ତ୍ର ଠାରୁ ଲୋକମାନେ ଦୂରେଇ ଯାଉଥିବା ବେଳେ ଏହାର ପ୍ରଚାର ଓ ପ୍ରସାର ପାଇଁ ଜିଲା ବ୍ରାହ୍ମଣ ସମାଜ ପକ୍ଷରୁ ଏପରି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । କାର୍ଯ୍ୟକ୍ରମରେ ଗୋବର୍ଦ୍ଧନ ଦାଶ, ବାବାଜୀ ଦାଶ, ପୀତାମ୍ବର ଆଚାର୍ଯ୍ୟ, ରଞ୍ଜିତ ହୋତା, ବ୍ରହ୍ମାନନ୍ଦ ଶତପଥୀ, ସୁବାସ ହୋତା, ଜ୍ଞାନରଞ୍ଜନ ମିଶ୍ର, ସଞ୍ଜୀବ ମିଶ୍ର, ମିନୁ ପ୍ରସାଦ ମିଶ୍ର, ସୁର୍ଯ୍ୟେନ୍ଦ୍ର ଶତପଥୀ, ସଞ୍ଜୟ ଶଙ୍କର ପୁରୋହିତ, ଆଶୁତୋଷ ପଣ୍ଡା ପୁରାଣ ପାଠ କରିଥିଲେ।

# ସହରରେ ତାପମାତ୍ରା ବୃଦ୍ଧି, ଜନଜୀବନ ଅସ୍ତବ୍ୟସ୍ତ

ଝାରସୁଗୁଡ଼ା,୨୪।୫(ସଞ୍ଜୟ ମାଲି)




ଗତ କିଛି ଦିନହେବ ଝାରସୁଗୁଡ଼ା ସହର ସମେତ ଆଖପାଖ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ହେବା ସାଙ୍ଗକୁ ପ୍ରବଳ ଗରମ ସହ ଗୁଳୁଗୁଳି ଅନୁଭୁତ ହେବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛନ୍ତି। ପ୍ରବଳ ଗରମ ଯୋଗୁ ସହରରେ ପୂର୍ବାହ୍ନ ୧୦ଟା ପରେ ମୁଖ୍ୟ ରାସ୍ତା ଖାଁ ଖାଁ ଲାଗୁଥିବା ବେଳେ ଜରୁରୀ କାମ ନ ପଡ଼ିଲେ ଲୋକେ ଘରୁ ବାହାରୁ ନାହାନ୍ତି। ପ୍ରବଳ ଗରମ ଯୋଗୁ ନଦୀ, ନାଳ, ପୋଖରୀ ସମେତ ନଳକୂପ ପାଣି ନିମ୍ନଗାମୀ ହୋଇଛି। ଫଳରେ ଲୋକେ ପାଣି ବୁନ୍ଦାଏ ପାଇଁ ଡହଳବିକଳ ହେଉଛନ୍ତି। ଅନ୍ୟପଟେ ଝାରସୁଗୁଡ଼ା ଜିଲାର ବିଭିନ୍ନ ଶିଳ୍ପାନୁଷ୍ଠାନରୁ ବାହାରୁ ଥିବା ଧୂଆଁ ସାଙ୍ଗକୁ କୋଇଲା ଜଳୁଥିବାରୁ ଦୁଇରୁ ତିନି ଡିଗ୍ରୀ ତାପମାତ୍ରା ଅଧିକ ରହୁଛି। ସହରର ସରାହାଲ, ଝଣ୍ଡାଛକ, ପୁରୁଣା ବସଷ୍ଟାଣ୍ଡ, ବେହେରା ମାଳ, ବଡେଇ ମୁଣ୍ଡା ଟିଏମ ଅଞ୍ଚଳର ମୁଖ୍ୟ ରାସ୍ତା କଡ଼ରେ ଥିବା ତରଭୁଜ, ଆମ୍ବ ପାଣି, ପଇଡ, ଲସି, ଥଣ୍ଡା ପାନୀୟ ଜଳ ଆଖୁରସ ଦୋକାନରେ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି। ସରକାର ତଥା ଜିଲା ପ୍ରଶାସନ ପକ୍ଷରୁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାମ ନ କରିବାକୁ ପରାମର୍ଶ ଦେଇଥିବା ବେଳେ ଶିଳ୍ପାନୁଷ୍ଠାନ ତଥା ବିଭିନ୍ନ ଅଟାଳିକା ଓ ଘର ନିର୍ମାଣରେ ଶ୍ରମିକମାନେ କାମ କରୁଥିବା ପରିଲକ୍ଷିତ ହେଉଛି। ଘରୋଇ ବସଗୁଡିକରେ ଓଆର୍‌ଏସ ପାଉଡର, ଔଷଧ, ଥଣ୍ଡା ପାଣି ରଖିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦେଇଥିବା ବେଳେ କେତେକ ଘରୋଇ ବସ ଏହି ନିୟମ ଖୋଲାଖୋଲି ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳୁଛି। କାଳବୈଶାଖୀ ଯୋଗୁ ଅଳ୍ପ ବର୍ଷା ହେବା ଫଳରେ ଗୁଳୁଗୁଳି ହୋଇ ପ୍ରବଳ ଗରମ ହେଉଛି। ବର୍ତ୍ତମାନର ପ୍ରବଳ ଗରମ ଯୋଗୁ ଏସି, କୁଲର, ଫାନ ମଧ୍ୟ କାମ କରୁନାହିଁ। ଏହି ପରିପ୍ରେକ୍ଷୀରେ ଜିଲା ପ୍ରଶାସନ ପକ୍ଷରୁ ଜନସାଧାରଣ ସଚେତନ କରାଯାଇଛି।



